ଟିପ୍ପଣୀ

# ଏକକ ୯ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ଶିକ୍ଷା

ସଂରଚନା


୯.୦ ଉପକ୍ରମ

୯.୧ ଶିକ୍ଷଣ ଉଦ୍ଦେଶ୍ୟ

୯.୨ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ଶୈକ୍ଷିକ ଆହ୍ୱାନ ସମୂହ ।

୯.୩ ଶୈକ୍ଷିକ ଅନୁକୂଳନ

୯.୪. ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆବଶ୍ୟକତା ଗୁଡ଼ିକ ପୂରଣ ପାଇଁ ସୁବିଧା ସୁଯୋଗ

୯.୫ ଅନ୍ତର୍ନିବେଶୀ ଶ୍ରେଣୀ ଗୃହ

୯.୬ ଗୃହ ଭିତ୍ତିକ ଶିକ୍ଷା

୯.୭ ସାରାଂଶ

୯.୮ ନିଜ ଅଗ୍ରଗତିର ଆକଳନ ପାଇଁ ଆଦର୍ଶ ଉତ୍ତର

୯.୯ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୯.୧୦ ପାଠାନ୍ତ ପ୍ରାଶ୍ନାବଳୀ


## ୯.୦ ଉପକ୍ରମ

ଜଣେ ଶିକ୍ଷକ ଭାବରେ ତୁମେ ଭିନ୍ନଭିନ୍ନ ସାମର୍ଥ୍ୟର ପିଲାମାନଙ୍କୁ ପଢ଼ାଇ ଆସୁଅଛ । ତୁମେ ମଧ୍ୟ ସ୍ୱତନ୍ତ୍ର ଅବଶ୍ୟକତା ଥିବା ପିଲାମାନଙ୍କୁ ପଢ଼ାଇ ଆସୁଥିବ । ବାଧକତା ହେତୁ କେତେକ ପିଲାଙ୍କର ସ୍ୱତନ୍ତ୍ର ଆବଶ୍ୟକତା ଥାଏ ଯାହା ଦେଖି ହୁଏ ଯେପରି ଜନ୍ମଗତ ଅସୁବିଧା ଯୋଗୁଁ, ପୋଲିଓ ବା ଦୁର୍ଘଟଣା କାରଣରୁ ଅଙ୍ଗପ୍ରତ୍ୟେଙ୍ଗ ପ୍ରଭାବିତ ହୋଇଥାଏ । କେତେକ ଦୃଷ୍ଟିବାଧିତ ବା ସ୍ୱଳ୍ପ ଦୃଷ୍ଟି ସମ୍ପନ୍ନ ଏବଂ ଆଉ କେତେକ ଶ୍ରବଣ ବାଧିତ ହୋଇଥା'ନ୍ତି । କେତେକ ପିଲା ଅଛନ୍ତି ଯେଉଁମାନଙ୍କର ବାଧକତା ଦେଖିହୁଏ ନାହିଁ ଯଥା ବୌଦ୍ଧିକ ବାଧକତା (ପୂର୍ବରୁ ମାନସିକ ଅନଗ୍ରସରଭାବେ ପରିଚିତ) ଓ ଆଉ କେତେକ ନିର୍ଦ୍ଦିଷ୍ଟ ଶିକ୍ଷଣ ବାଧକତା ତୁମେ ସଚେତନ ଥିବ ଯେ ଆମ ଦେଶରେ ସମସ୍ତ ପିଲାଙ୍କର ଶିକ୍ଷା ମୌଳିକ ଅଧିକାର ଅଟେ । ଏହା ସହିତ ଆମ ଦେଶରେ ଭିନ୍ନକ୍ଷମ ବ୍ୟକ୍ତି (ସମାନସୁବିଧା, ଅଧିକାର ସୁରକ୍ଷା ଓ ସଂପୂର୍ଣ୍ଣ ଅଂଶ ଗ୍ରହଣ) ଅଧିନିୟମ (PD Act 1995) ଭାବେ ପରିଚିତ । ସଂପ୍ରତି ଏହି ଅଧିନିୟମର ପରିବର୍ତ୍ତନ କରାଯାଇଛି । ଏହି ଅଧିନିୟମ ଅଧିକତ୍ତର ଭାବେ ଶିକ୍ଷା ଅଧିକାର ଉପରେ ଗୁରୁତ୍ୱ ଦେଇଥାଏ । ସର୍ବଶିକ୍ଷା ଅଭିଯାନ (SSA) ରେ ଉଲ୍ଲେଖ ଥିବା ଭଳି ସ୍ୱତନ୍ତ୍ର ଆବଶ୍ୟକତା ଥିବା ସମସ୍ତ ପିଲାଙ୍କୁ (CSWSN)ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା ନିମିତ୍ତ ଅନ୍ତର୍ଭୁକ୍ତ କରିଥାଏ । ଏହି ଏକକରେ ଆମେ ଏହିଭଳି ପିଲାମାନଙ୍କର ଶିକ୍ଷଣ ବୈଶିଷ୍ଟ୍ୟ, ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା ଏବଂ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଥିବା ବିବିଧ ବ୍ୟବସ୍ଥା ଗୁଡ଼ିକ ସଂପର୍କରେ ଆମେ ଦେଖିବା ଓ ଜାଣିବା । ଏହିସବୁ ବ୍ୟବସ୍ଥା ସତ୍ତ୍ୱେ ଅଧିକ ବାଧକତା ଥିବା ପିଲାମାନେ ଥାଇପାରନ୍ତି ଯେଉଁମାନେ ବିଦ୍ୟାଳୟରେ ପହଞ୍ଚିବା

ଟିପ୍ପଣୀ

ପାଇଁ ସକ୍ଷମ ହୋଇପାରନ୍ତି ନାହିଁ । ଯେହେତୁ ଶିକ୍ଷା ସେମାନଙ୍କର ଅଧିକାର, ଶିକ୍ଷା ସେମାନଙ୍କ ଦ୍ୱାର ଦେଶରେ ପହଞ୍ଚିବା ହିଁ କେବଳ ହିଁ ମାତ୍ର ଉପଯୋଗୀ ଉପାୟ ଅଟେ । ତେଣୁ ଏହିଭଳି ପିଲାମାନଙ୍କ ପାଇଁ ଗୃହ ଅଧାରିତ ଶିକ୍ଷଣ ଅଧୀନରେ ଥିବା ବ୍ୟବସ୍ଥା ଗୁଡ଼ିକର ଆଲୋଚନା ମଧ୍ୟ ଆମେ ଏହି ଏକକରେ କରିବା ।

## ୯.୧ ଶିକ୍ଷଣ ଉଦ୍ଦେଶ୍ୟ ସମୂହ

- ଏହି ଏକକର ଆଲୋଚନା ପରେ ତୁମେ କରିବାକୁ ସମର୍ଥ ହେବ :

• ସ୍ୱତନ୍ତ୍ର ଆବଶ୍ୟକତାଥିବା ପିଲାମାନଙ୍କର ବୈଶିଷ୍ଟ୍ୟ / ଲକ୍ଷଣ ଗୁଡ଼ିକୁ ବର୍ଣ୍ଣନା କରିବାରେ

• ଶିକ୍ଷାବ୍ୟବସ୍ଥା ଓ ସ୍ୱତନ୍ତ୍ରତା ଆବଶ୍ୟକତାଥିବା ପିଲାମାନଙ୍କ ଉପରେ ଏହାର କାର୍ଯ୍ୟକରିତା ବିଷୟରେ ଆଲୋଚନା କରିବାରେ

• ସ୍ୱତନ୍ତ୍ର ଆବଶ୍ୟକତାଥିବା ପିଲାମାନଙ୍କର ଆବଶ୍ୟକତା ପୂରଣ ନିମିତ୍ତ ପାଠ୍ୟକ୍ରମ ଅନୁକୂଳ କରିବାର ଦକ୍ଷତା ପ୍ରଦର୍ଶନ କରିବାରେ

• ଉପଯୋଗୀ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ବ୍ୟବହାର କରିବାରେ ଓ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନେ ଥିବା ଶ୍ରେଣୀ ପରିଚାଳନାରେ

• ଗୃହ ଆଧାରିତ ଶିକ୍ଷା / ସୂଚନା ବୁଝିବାକୁ ପ୍ରଦର୍ଶନ କରିବାରେ

## ୯.୨ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କର ଶୈକ୍ଷିକ ଆହ୍ୱାନ ସମୂହ

ଜଣେ ଶିକ୍ଷକ ଭାବେ ତୁମେ ପ୍ରାୟ ୩୫ ଜଣ ଶିକ୍ଷାର୍ଥୀ ଥିବା ଶ୍ରେଣୀ ସହ ଅଭ୍ୟସ୍ତ ଥିବ ଓ ତୁମେ ପାଠକୁ ବହୁପରିମାଣରେ ସହଜରେ ସମ୍ପାଦନ କରୁଥିବ । ଏହାର କାରଣ ସାଧାରଣତଃ ଗୋଟିଏ ସ୍ଥିରିକୃତ ବୟସ ଓ ଶ୍ରେଣୀର ପିଲାମାନଙ୍କର ଏକ ନିର୍ଦ୍ଦିଷ୍ଟ ପରିସରରେ ସ୍ତର ଓ ଅନ୍ତର୍ନିହିତ ଦକ୍ଷତା ଥାଏ । ତୁମ ଶ୍ରେଣୀରେ ଯେତେବେଳେ ଗୋଟିଏ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଟିଏ ଥାଏ ନିଶ୍ଚିତରୂପେ ତାହାର କିଛି ସ୍ୱତନ୍ତ୍ର ଆବଶ୍ୟକତା ଥାଏ ଯାହାର ସାମନା କରିବାକୁ ପଡ଼ିବ । ଶିକ୍ଷାର୍ଥୀର ଥିବା ବାଧକତା ଆଧାରରେ ସେମାନଙ୍କ ଆବଶ୍ୟକତାରେ ଭିନ୍ନତା ଥାଏ । ଉଦାହରଣ ସ୍ୱରୂପ ଶ୍ରବଣ ବାଧକତା ଥିବା ପିଲାଟିଏ କଳାପଟା ବା ଦୃଶ୍ୟ ସାମଗ୍ରୀମାନଙ୍କୁ ଦେଖିବାକୁ ଅଧିକ ଆଲୋକ ଆବଶ୍ୟକ କରିଥାଏ ଏବଂ ଶିକ୍ଷକ ନିଜ ଆଡ଼କୁ ପିଲାଟିକୁ ଦେଖିବାକୁ କହି ସ୍ପଷ୍ଟଭାବେ କଥୋପକଥନ କରିବା ଦରକାର ଫଳତଃ ପିଲାଟି ଓଷ୍ଟଫନ କରିପାରିବ । ଅନ୍ୟ ପକ୍ଷରେ ଦୃଷ୍ଟି ବାଧିତ ପିଲାଟିଏ ମୌଖିକ ସୂଚନା ସହ ସ୍ପର୍ଶର ଅନୁଭୂତି ସାମଗ୍ରୀମାନେ ଆବଶ୍ୟକ କରିଥାଏ ଯାହାକୁ ସେ ସ୍ପର୍ଶ କରିପାରିବ ଓ ଶିଖିପାରିବ ଯେତେବେଳେ ଶିକ୍ଷକ ଶ୍ରେଣୀରେ ଦୃଶ୍ୟସାମଗ୍ରୀମାନ ବ୍ୟବହାର କରନ୍ତି । ଜଣେ ବୌଦ୍ଧିକ ବାଧକତା ଥିବାପିଲା (ମାନସିକ ଅନଗ୍ରସର) ଗୋଟିଏ ଧାରଣା ବୁଝିବା ପାଇଁ ବାସ୍ତବ ସାମଗ୍ରୀ ଓ ସୂଚନାର ପୂନରାବୃତ୍ତି ଆବଶ୍ୟକ କରିବ । ଆବଶ୍ୟକତା ଅନୁଯାୟୀ ଜଣେ ଶାରୀରିକ ବାଧକତା ଥିବା ପିଲା ଭୌତିକ ସହାୟତା ଆବଶ୍ୟକ କରିବ । ଆମେ ଏବେ ଦେଖିବା ତୁମ ଶ୍ରେଣୀରେ ଥିବା ଏହିଭଳି ପିଲାମାନଙ୍କର ବ୍ୟକ୍ତିଗତ ଆବଶ୍ୟକତାକୁ ତୁମେ କିପରି ଚିହ୍ନଟ ଓ ସାମନା କରିବ ।

### ୯.୨.୧ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ଶିକ୍ଷଣ ବୈଶିଷ୍ଟ୍ୟ ସମୂହ :

ଟିପ୍ପଣୀ

ସମସ୍ତ ଶିକ୍ଷାର୍ଥୀ ଏକାପରି ନୁହଁନ୍ତି ଏବଂ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଭିନ୍ନଭିନ୍ନ ସାମର୍ଥ୍ୟ ଓ ଆବଶ୍ୟକତାମାନ ଥାଏ । ଗୋଟିଏ ଅନ୍ତର୍ନିବେଶୀ ଶ୍ରେଣୀ ଗୃହରେ ଏହିଭଳି ବୁଝାମଣା ଅନ୍ୟମାନଙ୍କୁ ସାହାଯ୍ୟ କରିବା ସହିତ ସାହାଯ୍ୟ ଆବଶ୍ୟକ କରିବା ଆଡ଼କୁ ଏକ ପଦକ୍ଷେପ । ବୟସ୍କମାନଙ୍କ ଜୀବିକା ନିର୍ବାହ ପାଇଁ ଏହା ଏକ ଅତ୍ୟାବଶ୍ୟକ କୌଶଳ କାରଣ ମଣିଷମାନେ ସ୍ୱାଧୀନ ହେଲେ ବି ପରସ୍ପର ନିର୍ଭରଶୀଳ । ଏକ ଉତ୍ତମ ନାଗରିକ ହେବାକୁ ଏହି ବୁଝାମଣା ପ୍ରାରମ୍ଭିକ ଜୀବନରେ ମୂଲ୍ୟବୋଧ ଗୁଡ଼ିକର ବିକାଶ କରେ । ସକାରାତ୍ମକ ନିର୍ଭରଶୀଳତାକୁ ଏହା ଆଗେଇ ନିଏ ।

ଶାରୀରିକ ବାଧକତା ଥିବା ପିଲାଟି ନିଜର ହାତ, ଗୋଡ଼/ପାଦକୁ ବ୍ୟବହାର କରି ଅନ୍ୟ ଯେକୌଣସି ପିଲାଭଳି ଶ୍ରେଣୀରେ ଶିଖେ । ଲେଖିବାରେ ଓ ଜିନିଷଗୁଡ଼ିକୁ ପରିଚାଳନା କରିବାରେ ତାହାର ଅସୁବିଧା ହେବ ଯଦି ତାହାର ହାତ ପ୍ରଭାବିତ ହୋଇଥାଏ, ଯଦି ଗୋଡ଼ ପ୍ରଭାବିତ ହୋଇଥାଏ ଗତିକରିବାରେ ତାହାର ଅସୁବିଧା ହେବ । ଏହିଭଳି ପିଲାମାନେ ସେମାନଙ୍କର ବାଧକତାକୁ ପୂରଣ କରିବା ନିମିତ୍ତ ଉପଯୋଗୀ ସହାୟତା ସହ ସହାୟକ ଉପକରଣମାନ ଆବଶ୍ୟକ କରିବେ । ଶ୍ରବଣ ବାଧକତା ଥିବା ପିଲାଟିଏ ପ୍ରଧାନତଃ ତାର ଦୃଷ୍ଟିଶକ୍ତିକୁ ବ୍ୟବହାର କରି ଏବଂ କେତେମାତ୍ରାରେ ତାର ସ୍ପର୍ଶ ଇନ୍ଦ୍ରିୟମାନ ଶିଖିବାକୁ ବ୍ୟବହାର କରିଥାଏ । ମନେରଖିବାକୁ ହେବ ଯେ ଶ୍ରବଣ ବାଧକତା ଥିବା ପିଲାଟିର ତା ଭିତରେ ଥିବା ଶିଖିବା ସାମର୍ଥ୍ୟ ପ୍ରଭାବିତ ହେବା ବ୍ୟତୀତ ସେ ଶ୍ରେଣୀର ଅନ୍ୟ ପିଲାମାନଙ୍କ ପରି ଅଟେ । ସେ ଶୁଣିପାରୁ ନଥିବାରୁ କହିପାରେ ନାହିଁ । କହୁଥିବା ଲୋକଟିର ମୁଖକୁ ଚାହିଁବାରେ ସାହାଯ୍ୟ କରିବା ସେମାନଙ୍କୁ ଓଷ୍ଠ ଗଠନରେ ସାହାଯ୍ୟ କରେ । ସାଧାରଣ ଶ୍ରେଣୀଗୃହରେ କଳାପଟା ଓ ଅନ୍ୟାନ୍ୟ ଚାର୍ଟ ଏବଂ ଅନ୍ୟାନ୍ୟ ଦୃଶ୍ୟ ସାମଗ୍ରୀମାନ ବ୍ୟବହାର ତାକୁ ଶିଖିବାରେ ସାହାଯ୍ୟ କରେ । ନିରୂପଣ କରାଯାଇଥିବା ଶ୍ରବଣ ଯନ୍ତ୍ରଣକୁ ସବୁବେଳେ ପିନ୍ଧିବା ପାଇଁ ପିଲାଟିକୁ ଉତ୍ସାହିତ କର । ତାହାର ଯଦି ଗୋଟିଏ ହେଲେ ନାହିଁ, ତେବେ ମାଗଣାରେ ସହାୟତା ପ୍ରଦାନ କରୁଥିବା ସଂସ୍ଥା ଦ୍ୱାରା ପରୀକ୍ଷା କରିବା ଉପରେ ଜୋର ଦିଅନ୍ତୁ । ଏହା ସରକାରଙ୍କର ଏକ ବ୍ୟବସ୍ଥା ଓ ପ୍ରତ୍ୟେକ ପିଲା ସେମାନଙ୍କର ଶ୍ରବଣ ଦକ୍ଷତା ପରୀକ୍ଷା କରିବା ଓ ଆବଶ୍ୟକୀୟ ସହାୟତା ପାଇବାକୁ ନିଶ୍ଚିତ କରିବା ଆମର ଦାୟିତ୍ୱ ଅଟେ ।

ନ୍ୟାୟତଃ ଦୃଷ୍ଟିବାଧକତା ସଂପୂର୍ଣ୍ଣ ଦୃଷ୍ଟିବାଧକତା ଓ ସ୍ୱଳ୍ପ ଦୃଷ୍ଟି ସଂପନ୍ନକୁ ଅନ୍ତର୍ଭୁକ୍ତ କରିଥାଏ । ଗୋଟିଏ ପିଲା ଯେକି ସଂପୂର୍ଣ୍ଣ ଦୃଷ୍ଟିଶକ୍ତି ବାଧକ ଅଟେ ସେ ତାହାର ଶ୍ରବଣ ଓ ସ୍ପର୍ଶଭାର ଇନ୍ଦ୍ରିୟଗୁଡ଼ିକୁ ବ୍ୟବହାର କରି ଶିଖେ । ସେ ମଧ୍ୟ ଦୃଷ୍ଟିଶକ୍ତି ଥିବା ବ୍ୟକ୍ତିଠାରୁ ଅଧିକ ଭାବରେ ଘ୍ରାଣେନ୍ଦ୍ରିୟକୁ ବ୍ୟବହାର କରେ । ଉଦାହରଣ ସ୍ୱରୂପ ତୁମେ ଯଦି ଶ୍ରେଣୀକୁ ପ୍ରବେଶ କର, ତୁମେ କହିବା ପୂର୍ବରୁ, ତୁମେ ସବୁଦିନେ ବ୍ୟବହାର କରୁଥିବା ସୁଗନ୍ଧ ଅଧାରରେ ତୁମର ଉପସ୍ଥିତିକୁ ଜାଣିପାରିବ । ସ୍ୱଳ୍ପ ଦୃଷ୍ଟିଶକ୍ତି ଥିବା ପିଲାଟିଏ ସ୍ୱତନ୍ତ୍ର ରୂପେ ପ୍ରସ୍ତୁତ ଚଷମା ବ୍ୟବହାର କରେ ଓ ତା ନିକଟରେ ଉପଲବ୍ଧ ସ୍ୱଳ୍ପ ଦୃଷ୍ଟିଶକ୍ତି ବ୍ୟବହାର କରି ପଢ଼େ । ତେବେ, ସେ ବଡ଼ ଅକ୍ଷରରେ ମୁଦ୍ରିତ ଓ ବୈସାଦୃଶ୍ୟ ପ୍ରଚ୍ଛଦପଟ ଥିବା ପୁସ୍ତକ ଆବଶ୍ୟକ କରିବ । ପିଲାଟିର ଆବଶ୍ୟକତା ଆକଳନ କରି ଏବଂ ଶ୍ରେଣୀରେ ଉପଯୋଗୀ ବ୍ୟବସ୍ଥାମାନ କରିବା ପିଲାଟିର ଅନ୍ତର୍ଭୁକ୍ତିକୁ ଆଗେଇ ନେବ ।

ନିର୍ଦ୍ଦିଷ୍ଟ ଶିକ୍ଷଣ ବାଧକତା ଏକ ଅବସ୍ଥା, ଯାହା ଭିନ୍ନକ୍ଷମ ବ୍ୟକ୍ତି ଅଧିନିୟମର ସାମିଲ ହୋଇନାହିଁ ତଥାପି ଏଥିରେ ପିଲାମାନେ ନିମ୍ନମାନର ଶୈକ୍ଷିକ ଫଳାଫଳ ପ୍ରଦର୍ଶନ କରନ୍ତି ଯଦିଓ ସେମାନଙ୍କର ବୌଦ୍ଧିକ ଓ ଅନ୍ୟାନ୍ୟ ବାଧକତା ନଥାଏ । ନିର୍ଦ୍ଦିଷ୍ଟ ଶିକ୍ଷଣ ବାଧକତା ଥିବା ପିଲାମାନଙ୍କର ସ୍ନାୟବିକ ଅବସ୍ଥା ଯୋଗୁଁ ସୂଚନା ପ୍ରକ୍ରିୟାକରଣ

ଟିପ୍ପଣୀ

କରିବାରେ ଅସୁବିଧା ଥାଏ ଓ ଏଥିପାଇଁ ଲକ୍ଷଣମାନ ପ୍ରଦର୍ଶନ କରନ୍ତି ଯେପରି ପଠନଗତ ଅସୁବିଧା (ଡିସ୍‌ଲେକ୍ସିଆ), ଲିଖନଗତ ଅସୁବିଧା (ଡିସ୍‌ଗ୍ରାଫିଆ) ଓ ଗାଣିତିକ ହିସାବପତ୍ର କରିବାରେ ଅସୁବିଧା (ଡିସ୍‌କାଲ୍‌କୁଲିଆ) । ଆଉ କେତେକ ଏକାଗ୍ରତା, ସ୍ମୃତି, ଯୁକ୍ତି ଓ ନିଜକୁ ପରିଚାଳନା କରିବା ଆଦି ସଂପର୍କରେ ସମସ୍ୟାମାନ ପ୍ରଦର୍ଶନ କରନ୍ତି । ଯତ୍ନର ସହ ଆକଳନ ଓ କାର୍ଯ୍ୟକ୍ରମର ଯୋଜନା କରିବା ବହୁ ପରିମାଣରେ ସେମାନଙ୍କୁ ସେମାନଙ୍କର ଶିକ୍ଷଣ ସମସ୍ୟାମାନ ଅତିକ୍ରମ କରିବାରେ ସାହାଯ୍ୟ କରେ । ବୌଦ୍ଧିକ ବାଧକତା (ମାନସିକ ଅନଗ୍ରସରତା), ସ୍ୱପରାୟଣ ଯୁକ୍ତ (Autism), ମସ୍ତିଷ୍କ ପକ୍ଷାଘାତ, ବା ବହୁବିଧ ବାଧକତା ଭଳି ବିକାଶଗତ ବାଧକତା ଥିବା ପିଲାଟିର ନିର୍ଦ୍ଦିଷ୍ଟ ଶୈକ୍ଷିକ ଲକ୍ଷଣମାନ ଥାଇପାରେ । ବୌଦ୍ଧିକ ବାଧକତା ଥିବା ପିଲାମାନେ ଶିଖିବାରେ ଅଧିକ ମନ୍ଥର ଥାଆନ୍ତି ଓ ଯାହା ପଢ଼ାଯାଏ ତାକୁ ଧାରଣ କରିବାରେ ସେମାନଙ୍କର ସୀମିତ ସାମର୍ଥ୍ୟ ଥାଏ । ଅମୂର୍ତ୍ତଧାରଣା ଗୁଡ଼ିକୁ ବୁଝିବାରେ ସେମାନଙ୍କର ଅସୁବିଧା ଥାଏ । ମସ୍ତିଷ୍କ ପକ୍ଷାଘାତ (Cecrebral Palsy) ଥିବା ପିଲାଟିଏ ଶିଖିବାରେ ସମର୍ଥ ହୋଇପାରିବ କିନ୍ତୁ ସମନ୍ୱୟ ଚଳାଚଳ ଓ କଥାରେ ତା'ର ଅସୁବିଧା ଥାଇପାରେ । ଯଦି ତା'ର ବୌଦ୍ଧିକ ବାଧକତା ମଧ୍ୟ ଥାଏ, ସେ ମଧ୍ୟ ସେହି ଶିକ୍ଷଣ ଲକ୍ଷଣମାନ ପ୍ରଦର୍ଶନ କରିପାରେ । ସ୍ୱପରାୟଣ ଯୁକ୍ତ ପିଲାମାନଙ୍କର ସାମାଜିକ ସଂପର୍କ ଓ ଅନ୍ୟମାନଙ୍କ ସହିତ ଯୋଗାଯୋଗ କରିବାରେ ଅସୁବିଧାମାନ ଥାଇପାରେ । ଉପଯୁକ୍ତ ଭାବେ ବୁଝିବା ସହିତ ପଢ଼ିବାକୁ ସେମାନଙ୍କର ପ୍ରାୟ ସୀମିତ ଆଗ୍ରହ ଓ ଆବଶ୍ୟକତା ଥାଏ । ସେମାଙ୍କ ଭିତରୁ କେତେକଙ୍କର ପ୍ରାୟ ବୌଦ୍ଧିକ ବାଧକତା ମଧ୍ୟ ଥାଇପାରେ ଯାହା ଆହ୍ୱାନକୁ ଅଧିକଉତ୍ତର ଦ୍ୱିଗୁଣିତ କରିଥାଏ । 'ବହୁବିଧ ବାଧକତା', ନାମଟି ଯାହା ସୂଚିତ କରେ, ଏହା ଦୁଇ ବା ତତୋଧିକ ବାଧକତାର ସମିଶ୍ରଣ ଓ ବ୍ୟକ୍ତି ଯୋଜନାବଦ୍ଧ ଶୈକ୍ଷିକ କାର୍ଯ୍ୟ କ୍ରମମାନ ଆବଶ୍ୟକ କରେ ।

### ୯.୨.୨ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କର ଆବଶ୍ୟକତା ଓ ଶୈକ୍ଷିକ ବ୍ୟବସ୍ଥା

ଜଣେ ଶିକ୍ଷକଭାବେ ଆପଣ ଆମ ଶୈକ୍ଷିକ ବ୍ୟବସ୍ଥା ବିଷୟରେ ସଚେତନ । ତୁମେ ଗୋଟିଏ ବିଦ୍ୟାଳୟରେ କାର୍ଯ୍ୟକରୁଥିବ ଯାହାର କେନ୍ଦ୍ରୀୟ ବୋର୍ଡ/ପରିଷଦ ବା ରାଜ୍ୟ ଶିକ୍ଷା ପରିଷଦ ସହ ସହବନ୍ଧନ ଥିବା ଯେଉଁ ବ୍ୟବସ୍ଥା ଅନୁସୃତ ହୋଇଥାଏ ସେଥିରେ ପିଲାମାନଙ୍କୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଗୋଟିଏ ଥାକର ଅନେକ ବହିକୁ ଶିଖିବାକୁ ହୁଏ । ସାଧାରଣତଃ ପିଲାମାନେ ତିନୋଟି ଭାଷା ଶିଖନ୍ତି ଯେଉଁଥିରୁ ଗୋଟିଏ ଶିକ୍ଷାଦାନର ମାଧ୍ୟମ ହୋଇଥାଏ । ବିଦ୍ୟାଳୟମାନଙ୍କରେ ଆମର ଗଠନମୂଳକ ଓ ସମାପ୍ତିସୂଚକ ମୂଲ୍ୟାୟନ ରହିଛି । ଶ୍ରେଣୀ ପରୀକ୍ଷଣ ସହିତ ପ୍ରତ୍ୟେକ ତିନି ମାସରେ ଗଠନମୂଳକ ମୂଲ୍ୟାୟନ ହୋଇଥାଏ ଓ ସମାପ୍ତି ସୂଚକ ବର୍ଷ ଶେଷରେ ହୋଇଥାଏ । ପୂର୍ବ ବର୍ଷମାନଙ୍କରେ ଏହି ମୂଲ୍ୟାୟନ ଗୁଡ଼ିକର ପିଲାମାନଙ୍କୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ କରିବା ସିଦ୍ଧାନ୍ତ ନେବାରେ ମୁଖ୍ୟ ଭୂମିକା ଥିଲା । ତୁମେ ସଚେତନ ଥିବ ଯେ ସଂପ୍ରତି ଏହି ସ୍ଥାନରେ ସ୍ୱୟଂକ୍ରିୟ ଉତ୍ତୀର୍ଣ୍ଣ ଓ କେହି ଫେଲ୍ ହୋଇ ନରହିବା ବ୍ୟବସ୍ଥା ପ୍ରଚଳିତ । ବିଶେଷକରି CBSE ଦ୍ୱାରା ନିୟନ୍ତ୍ରିତ ଅଧିକାଂଶ ବିଦ୍ୟାଳୟଗୁଡ଼ିକରେ ଶିକ୍ଷଣ କାର୍ଯ୍ୟଭିତ୍ତିକ ଶିକ୍ଷଣ ବ୍ୟବସ୍ଥା ଏବଂ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ କାର୍ଯ୍ୟକାରୀ ହେଉଛି ।

ଏହି ପରିସ୍ଥିତିରେ, ଅନେକ ସମୟରେ ବାଧକତା ଥିବା ପିଲାମାନେ ବିଶେଷକରି ସାଧାରଣ ବୌଦ୍ଧିକ ବାଧକତା ବା ନିର୍ଦ୍ଦିଷ୍ଟ ଶିକ୍ଷଣ ବାଧକତା ଥିବା ପିଲାମାନେ ଅଣଦେଖା ହୋଇଥାନ୍ତି । ଉଦାହରଣ ସ୍ୱରୂପ ତୁମେ ଦେଖିଥିବ ଯେ ଏହିଭଳି ପିଲାମାନେ ଅଷ୍ଟମ ଶ୍ରେଣୀରେ ପଢୁଥିବେ, କିନ୍ତୁ କେତେକ ବିଷୟରେ ସେମାନଙ୍କର କାର୍ଯ୍ୟ ସଂପାଦନ ଦ୍ୱିତୀୟ ବା ତୃତୀୟ ଶ୍ରେଣୀର ହୋଇଥାଏ । ପ୍ରାରମ୍ଭରୁ ଏମାନଙ୍କୁ ଚିହ୍ନଟ କରିବା ଓ ଉପଯୁକ୍ତ ସହାୟତା ପ୍ରାରମ୍ଭରୁ ପ୍ରଦାନ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଫଳରେ ସମସ୍ୟା ଅଧିକଉତ୍ତର ଭାବେ ଦ୍ୱିଗୁଣିତ ହେବନାହିଁ । ତୁମେ ରାଜି ହେବ ଯେ ନିମ୍ନ ଆତ୍ମସମ୍ମାନବୋଧ ବାଧକତା, ସହପାଠୀଙ୍କ ଅନୁମୋଦନର ଅଭାବ ବା ବେଳେବେଳେ

ଏପରିକି ଶିକ୍ଷକଙ୍କ ଅବହେଳା କରିବା ପିଲାଟିକୁ ତାର ମସ୍ତିଷ୍କର ଏକ ସ୍ଥାୟୀ ଦାଗ ଦେଇ ଦେବା ଯୋଗୁଁ ହୋଇଥାଏ ଫଳରେ ତା'ର ବ୍ୟକ୍ତିତ୍ୱକୁ ସବୁଦିନ ପାଇଁ ଧ୍ୱଂସ କରିଦିଏ । ଜଣେ ଶିକ୍ଷକ ଭାବରେ ପିଲାର ସମସ୍ୟା ଚିହ୍ନଟ ଓ ଏଭଳି ସହାୟତା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର ଅଛି ଯାହାଦ୍ୱାରା ସହପାଠୀମାନେ ମଧ୍ୟ ବୁଝିବା ଦେଖାଇବେ ଓ ତାକୁ ସହୟତା ପ୍ରଦାନ କରିବେ । ଦୃଷ୍ଟି ବାଧକତା ଥିବା ପିଲାଙ୍କ ପାଇଁ ବ୍ରେଲ, ଶ୍ରବଣ ବାଧକତା ଥିବା ପିଲାଙ୍କ ପାଇଁ ଶ୍ରବଣଯନ୍ତ୍ର ଓ ପେଶୀୟ ତଥା ଶାରୀରିକ ବାଧକତାଥିବା ପିଲାଙ୍କ ପାଇଁ ଚଳପ୍ରଚଳ ସହାୟକ ଉପକରଣ (ୱାକର, ଆଶାବାଡ଼ି, ହ୍ୱିଲ ଚେୟାର, କାଲିପର) ଓ ଲିଖନ ସହାୟକ ଉପକରଣ (ଆଡ୍‌ପଟେକ୍ ପେନସିଲ୍ ଓ ନୋଟ୍‌ବୁକ୍) ଆଜି ଆହ୍ୱାନର ସମ୍ମୁଖୀନ ହେବାପାଇଁ ଯୋଗାଇ ଦିଆଯାଏ ।

ଅଧିକଉର ଭାବେ ଆହ୍ୱାନର ସମ୍ମଖୀନ ହେବା ନମିଉ ସରକାର କେନ୍ଦ୍ର ଓ ରାଜ୍ୟ ସ୍ତରରେ ନିର୍ଦ୍ଦିଷ୍ଟ ସୁବିଧା ଓ ରିହାତିମାନ ବାଧକତାଥିବା ପିଲାମାନଙ୍କ ପାଇଁ ଦେଇଛନ୍ତି । କେତେକ ଉଦାହରଣ ଏଥିରେ ଅନ୍ତର୍ଭୁକ୍ତ ଯଥା ଜଣେ ଦୃଷ୍ଟିବାଧକ ବା ଶିକ୍ଷଣ ବାଧକତା ଥିବା ପଲାଟି ଉଉର ମୌଖିକ ଭାବରେ ଦେଉଥିବାରୁ ତା' ନିଜ ପାଇଁ ପରୀକ୍ଷାରେ ଜଣକୁ ଲେଖିବାକୁ ନିଯୁକ୍ତି କରିପାରିବ ସେମାନଙ୍କୁ ମଧ୍ୟ ଅଧିକ ୩୦ ମିନିଟ୍ ସମୟ ୩ ଘଣ୍ଟାର ପରୀକ୍ଷାରେ ଦିଆଯାଏ । ଶ୍ରବଣ ବାଧକତା ଥିବା ପିଲାଟି ଦ୍ୱିତୀୟ/ତୃତୀୟ ଭାଷା ଦିଏ ନାହିଁ ଏବଂ ଏହି ବିଷୟ ଦ୍ୱାରା ବଦଳାଯାଏ ।

**ନିଜ ଅଗ୍ରଗତି ଆକଳନ-୧**

୧. ତୁମ ଶ୍ରେଣୀରେ ପ୍ରାୟ ତୁମେ ଦେଖିଥିବା ଯେକୌଣସି ୪ଟି ବାଧକତାର ନାମ ଲେଖ ।

____________________________________________

____________________________________________

____________________________________________

୨. ଆମ ଶୈକ୍ଷିକ ବ୍ୟବସ୍ଥାରେ ଥିବା ଆହ୍ୱାନ ଗୁଡ଼ିକୁ ବର୍ଣ୍ଣନା କର ଯାହା ସ୍ୱତନ୍ତ୍ର ଆବଶକତା ଥିବା ପିଲାମାନଙ୍କର ସମସ୍ୟାକୁ ଦ୍ୱିଗୁଣିତ କରିଥାଏ ।

____________________________________________

____________________________________________

____________________________________________

## ୯.୩ ଶୈକ୍ଷିକ ଅନୁକୂଳନ :

ଏକ ଉଉମ ପାଠ୍ୟକ୍ରମ ଜ୍ଞାନ, କୌଶଳ ଓ ମୂଲ୍ୟବୋଧ ଗୁଡ଼ିକୁ ପ୍ରଦାନ କରିବା ଉଚିତ ଯାହା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ବୁଝାମଣାରେ ଶିକ୍ଷାର୍ଥୀମାନଙ୍କୁ ପ୍ରଭାବିତ କରେ । ଆମେ ଯେତେବେଳେ ସ୍ୱତନ୍ତ୍ର ଶିକ୍ଷା କଥା କହିଥାଉ ସେତେବେଳେ କେବଳ ଶିକ୍ଷାରେ ପ୍ରବେଶ ଜନୀତ ସୁବିଧାକୁ ଶେଷ ବିନ୍ଦୁ ଭାବେ ନିଶ୍ଚିତ କରିବା ଓ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରିବା ଠାରୁ ଅମକୁ ଅଧିକ କିଛି ଦେଖିବାର ଅଛି । ଶିକ୍ଷାର ଗୁଣାତ୍ମକତା ହାସଲ କରିବାକୁ ଏକ ଉଉମ ପାଠ୍ୟକ୍ରମ ଚାବି ସଦୃଶ । ଶୈକ୍ଷିକ ପରିବର୍ତ୍ତନ କେବଳ ଶିକ୍ଷକର ବିଚାର ନୁହେଁ ବରଂ ଏହା ନୀତି ପ୍ରସ୍ତୁତକାରୀ, ଗଣମାଧ୍ୟମ ଓ ନାଗରୀକ ମାନଙ୍କର କାରଣ ଆମେ ଯେଉଁପ୍ରକାର ନାଗରୀକ, ତାହା ଆମକୁ ଶିକ୍ଷା ତିଆରି କରିଛି । ଶିକ୍ଷାର ଉଦ୍ଦେଶ୍ୟ ଓ ଏହାର ଫଳାଫଳ ସୁବିଧା

ଟିପ୍ପଣୀ

ଅନୁସାରେ ବିଶ୍ୱାସ ଓ ମୂଲ୍ୟବୋଧଗୁଡ଼ିକ ଉପରେ ପାଠ୍ୟକ୍ରମ ନିଷ୍ପତ୍ତିମାନ ସ୍ଥାପନ କରାଯାଏ । ପ୍ରତ୍ୟେକ ପାଠ୍ୟକ୍ରମ ଶିକ୍ଷାର୍ଥୀମାନଙ୍କର ଅନ୍ତର୍ନିହିତ ସାମର୍ଥ୍ୟର ସଂପୂର୍ଣ୍ଣ ଅନୁଭବ କରିବା ଏବଂ ସମାଜର ଉତ୍ପାଦନକାରୀ ଓ ଅବଦାନକ୍ଷମ ସଦସ୍ୟରୂପେ ପରିଣତ ହେବାପାଇଁ ସେମାନଙ୍କୁ ସାହାଯ୍ୟ କରିବାରେ ଲକ୍ଷ୍ୟ ରଖିଥାଏ । ବାଧକତା ଥିବା ପିଲାମାନଙ୍କୁ ଆମେ ଯେତେବେଳେ ଦେଖୁ, ସେମାନଙ୍କର ବିବିଧ ସାମର୍ଥ୍ୟ ଓ ଆବଶ୍ୟକତା ଗୁଡ଼ିକ ଉଦ୍ଦେଶ୍ୟ ଓ ଶିକ୍ଷଣ ଫଳାଫଳ ଉପରେ ସାଲିସ୍ ବିନା ପ୍ରସଙ୍ଗ ଓ ପରିଚାଳନାରେ ଅନୁକୂଳନ ଦାବି କରିଥାଏ ।

**୯.୩.୧ ଶୈକ୍ଷିକ ଅନୁକୂଳନର ଆବଶ୍ୟକତା :**

"ପାଠ୍ୟକ୍ରମ ପ୍ରସ୍ତୁତି ଏକ ସୁଚିନ୍ତିତ ପ୍ରକ୍ରିୟା ଯାହାଦ୍ୱାରା ଜଣେ ବ୍ୟକ୍ତି ବା ଗୋଟିଏ ଦଳ ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀମାନଙ୍କ ପାଇଁ ଶୈକ୍ଷିକ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଚିହ୍ନଟ କରନ୍ତି, ଏକ ଉପଯୁକ୍ତ ପାଠ୍ୟକ୍ରମର ପରିକଳ୍ପନା କରନ୍ତି, ଶିକ୍ଷାର୍ଥୀମାନଙ୍କ ସହ ପାଠ୍ୟକ୍ରମ କାର୍ଯ୍ୟକାରୀ କରନ୍ତି ଓ ଏହାର ପ୍ରଭାବ ଓ ଫଳପ୍ରଦତାର ମୂଲ୍ୟାୟନ ଅନୁସାରେ ଏହାର ଅଭିବୃଦ୍ଧି କରନ୍ତି ।"

ଗୋଟିଏ ଶିକ୍ଷା ଅଭିଧାନ (୧୯୮୧)

ଉତ୍ସ : (http://www.library,ualberta.ca/subject/education)

ସଂଜ୍ଞାରେ ଲିପିବଦ୍ଧଥିବା ମୁଖ୍ୟ ବିନ୍ଦୁଗୁଡ଼ିକ ହେଲା :

-ଶିକ୍ଷାର୍ଥୀ ଦଳ

-ପାଠ୍ୟକ୍ରମ ପ୍ରସ୍ତୁତକାରୀ

-ଉପଯୁକ୍ତ ପାଠ୍ୟକ୍ରମ ଆଡ଼କୁ ଲକ୍ଷ୍ୟ

-କାର୍ଯ୍ୟକାରିତା

-ମୂଲ୍ୟାୟନ

-ପାଠ୍ୟକ୍ରମର ଅଭିବୃଦ୍ଧି

ଏହା ପ୍ରତିଫଳନ କରେ ଯେ ପାଠ୍ୟକ୍ରମ ଏକ ଧାରାବାହିକ ପ୍ରକ୍ରିୟା ଯାହା ପ୍ରଚଳିତ ଧାରାରେ ପରିବର୍ତ୍ତନ ସହିତ ପ୍ରଭାବ/ଫଳପ୍ରଦତା ଆଧାରରେ ଅଭିବୃଦ୍ଧି ଆବଶ୍ୟକ କରେ । ଶିକ୍ଷାର୍ଥୀମାନଙ୍କୁ 'ସର୍ବୋତ୍ତମ' ପ୍ରଦାନ ଲକ୍ଷ୍ୟରେ ପାଠ୍ୟକ୍ରମ ଅଭିବୃଦ୍ଧି ପରିବର୍ତ୍ତନ ହୋଇଥାଏ ।

ବିଷୟ/ଜିନିଷଗୁଡ଼ିକୁ ଶିଖିବାରେ ଶିକ୍ଷାର୍ଥୀମାନଙ୍କର ସୀମିତ ଆଗ୍ରହଥାଏ କାରଣ ସେମାନେ ବୁଝିପାରନ୍ତି ନାହିଁ ବା ସେମାନଙ୍କ ପାଇଁ ପ୍ରସଙ୍ଗଗୁଡ଼ିକ ଅପ୍ରାସଙ୍ଗିକ ବୋଧହୁଏ, ଏହା ଶିକ୍ଷାର୍ଥୀମାନଙ୍କ ଭିତରେ ଯେ କେବଳ ଅଭିପ୍ରେରଣା ଅଭାବ ସୃଷ୍ଟିକରେ ତାହାନୁହେଁ ବରଂ ବିରକ୍ତି ଓ ନୈରାଶ୍ୟ ଭାବ ଯୋଗୁଁ ଆହ୍ୱାନମୂଳକ ବ୍ୟବହାରମାନ ସୃଷ୍ଟିକରେ । ଯଦି ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ପ୍ରସଙ୍ଗଗୁଡ଼ିକୁ ଅଧିକ ଅର୍ଥପୂର୍ଣ୍ଣ କରିବେ ସେମାନଙ୍କର ଆଗ୍ରହର ସ୍ତରରେ ବୃଦ୍ଧି ଘଟିବ ଓ ନୈରାଶ୍ୟ ବୋଧ କରିବ । ଏଥିପାଇଁ ପାଠ୍ୟକ୍ରମ ଓ ଶିକ୍ଷାଦାନ ପଦ୍ଧତିର ପରିବର୍ତ୍ତନ ଆବଶ୍ୟକ । ଅନ୍ତର୍ନିବେଶୀ ପରିସ୍ଥିତିରେ ଶିକ୍ଷାର୍ଥୀଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତ କରିବାରେ ଶିକ୍ଷକ ଅନ୍ୟଏକ ଆହ୍ୱାନର ସମ୍ମୁଖୀନ ହୁଅନ୍ତି ଯାହା ଏକ କଠୋର ବା ଅପରିବର୍ତ୍ତନୀୟ ଢାଞ୍ଚା ଅନୁସରଣ କରିଥାଏ । ସାଧାରଣ ବିଦ୍ୟାଳୟମାନଙ୍କରେ ବାଧକତା ଥିବା ଶିକ୍ଷାର୍ଥୀ ମାନଙ୍କୁ ସଫଳତାର ସହ ଅନ୍ତର୍ଭୁକ୍ତ କରିବା ପାଇଁ ପାଠ୍ୟକ୍ରମ ଓ ମୂଲ୍ୟାୟନରେ ଅନୁକୂଳନ

ଏକ ଅତ୍ୟାବଶ୍ୟକୀୟ ବ୍ୟବସ୍ଥା ଅଟେ ।

**୯.୩.୨ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତା ପୂରଣ ପାଇଁ ପାଠ୍ୟକ୍ରମର ଅନୁକୂଳନ**

**ପ୍ରସଙ୍ଗ ଅନୁକୂଳନ :** ସାଧାରଣତଃ ପାଠ୍ୟକ୍ରମ ଅନୁକୂଳନ ସ୍ଥାନିତ କରିବା ଓ ପରିବରର୍ତ୍ତନ କରିବାକୁ ଅନ୍ତର୍ଭୁକ୍ତ କରେ ।

ଶିକ୍ଷାଦାନ ଓ ଶିକ୍ଷଣରେ ନିବେଶ ଓ ଫଳାଫଳ ପ୍ରକ୍ରିୟାରେ ପରିବର୍ତ୍ତନ ସମୂହକୁ ସ୍ଥାନିତ କରିବା ସୂଚିତ କରେ । ଦିଆଯାଇଥିବା ପ୍ରସଙ୍ଗ ବା ମୂଲ୍ୟାୟନ ବ୍ୟବସ୍ଥାକୁ ଏହା ପରିବର୍ତ୍ତନ କରେ ନାହିଁ । ଉଦାହରଣ ସ୍ୱରୂପ ସ୍ଥାନିତ କରିବା ବିକଳ୍ପ ଶିକ୍ଷାଦାନ ଢଙ୍ଗ ଅନ୍ତର୍ଭୁକ୍ତ କରିପାରେ ଯେପରି କାର୍ଯ୍ୟକରିବା ଦ୍ୱାରା ଶିଖିବା, ଭିଡିଓଟେପ୍, କଥାକୁହା ବହି, ବ୍ରେଲ ଆଦି, ଯେତେବେଳେ ଅନ୍ୟପିଲାମାନେ ପାରମ୍ପରିକ ଶିକ୍ଷାଦାନରୁ ଶିଖନ୍ତି ।

ପରିବର୍ତ୍ତନ କରିବା ପ୍ରସଙ୍ଗ ଓ ମାନଦଣ୍ଡରେ ପରିବର୍ତ୍ତନକୁ ସୂଚିତ କରେ । ଉଦାହରଣ ସ୍ୱରୂପ ଶିଖିବାରେ କମ୍ ପ୍ରସଙ୍ଗ, ପ୍ରସଙ୍ଗ ବଦଳରେ ଅନ୍ୟ ଏକ ପ୍ରସଙ୍ଗ, ହାସଲ କରିବାକୁ ଭିନ୍ନ ଭିନ୍ନ ଉଦ୍ଦେଶ୍ୟ, ଭିନ୍ନ ଭିନ୍ନ ମୂଲ୍ୟାୟନ ଢାଞ୍ଚା ଇତ୍ୟାଦି ପରିବର୍ତ୍ତନକୁ ବୁଝାଏ । ଶ୍ରବଣ ବାଧିତ ପିଲାଟିଏ ଅନ୍ୟଏକ କର୍ମାନୁଭୂତି ବା ଏକ ଭିନ୍ନ ପାଠ ସହ ଯେତେବେଳେ ଦ୍ୱିତୀୟ ଭାଷାକୁ ବଦଳାଇବାକୁ ଅନୁମତି ପାଏ ତାହା ପାଠ୍ୟ କ୍ରମରେ ପରିବର୍ତ୍ତନକୁ ବୁଝାଏ ।

**ଶୈକ୍ଷିକ ଅନୁକୂଳନ :** ବାଦଦେବା, ପ୍ରତିସ୍ଥାପନ, ପ୍ରସାରଣ

ଆମେ ଆଲୋଚନା କରିଛେ ଯେ ଶୈକ୍ଷିକ ଅନୁକୂଳନ ସ୍ଥାନିତ କରିବା ଓ ପରିବର୍ତ୍ତନ କରିବା ଆବଶ୍ୟକ କରେ । ଏହା ପ୍ରସଙ୍ଗରେ ଆବଶ୍ୟକତା ଆଧାରରେ ପରିବର୍ତ୍ତନ ପ୍ରତିସ୍ଥାପନ ବା ବାଦଦେବା ଆଦି ବହୁବିଧ ଉପସୋପାନ ଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥାଏ । ଆସ ଏସବୁକୁ ବିଶଦଭାବେ ଆଲୋଚନା କରିବା ।

**ବାଦଦେବା :** ଏହା ପାଠ୍ୟକ୍ରମରୁ ନିର୍ଦ୍ଦିଷ୍ଟ ପ୍ରସଙ୍ଗଗୁଡ଼ିକୁ ହଟାଇ ଦେବାକୁ ସୂଚିତ କରେ । ଉଦାହରଣ ସ୍ୱରୂପ ବାଧକତା ଥିବା ପିଲାମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ଶିକ୍ଷା ପରିଷଦମାନେ କେତେକ ରିହାତି କରିଛନ୍ତି । ଯେହେତୁ ଆମ ଦେଶରେ ଆମର ଶିକ୍ଷା କ୍ଷେତ୍ରରେ ତ୍ରିଭାଷୀ ନୀତି ଅନୁସୃତ, ଯାହା ଶିକ୍ଷାର ମାଧ୍ୟମ, ଦ୍ୱିତୀୟଭାଷା ଏବଂ ତୃତୀୟ ଭାଷାକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିଥାଏ, ଶ୍ରବଣ ବାଧିତ ପିଲା ଓ ନିର୍ଦ୍ଦିଷ୍ଟ ଶିକ୍ଷଣ ବାଧକତା ଥିବା ପିଲାମାନେ ଏହି ସମସ୍ତ ତିନୋଟି ଭାଷାକୁ ଶିଖିବାରେ ଅସୁବିଧା ଅଛି । ଏହି ପିଲାମାନେ ତୃତୀୟଭାଷା ଶିଖିବାର ଆବଶ୍ୟକତା ନାହିଁ ।

ପାଠ୍ୟକ୍ରମରେ ଏଭଳି ପ୍ରସଙ୍ଗମାନେ ରହିଛି ଯାହାକୁ ବାଦ୍‌ଦିଆଯାଇଥାଏ ଯେପରି ଦୃଷ୍ଟି ବାଧିତ ପିଲାମାନଙ୍କ ପାଇଁ ରଙ୍ଗର ଧାରଣା ଓ ଶ୍ରବଣ ବାଧିତ ପିଲାମାନଙ୍କ ପାଇଁ ଗୀତ ଆଦି ଅନ୍ତର୍ଭୁକ୍ତ ।

ଯେତେବେଳେ ଗୋଟିଏ ବିଷୟ ଅନ୍ୟ ବିଷୟ ଦ୍ୱାରା ପରିବର୍ତ୍ତିତ ହୋଇଥାଏ ସେତେବେଳେ ପ୍ରସଙ୍ଗ କ୍ଷେତ୍ରର ପ୍ରତିସ୍ଥାପନ ହୋଇଥାଏ । ବାଦ୍‌ଦେବା କ୍ଷେତ୍ରରେ ଥିବା ଉଦାହରଣରେ ଆମେ ଦେଖିଲେ ଯେ ଦ୍ୱିତୀୟ ଭାଷା ଶ୍ରବଣ ବାଧିତ ପିଲାମାନଙ୍କ ପାଇଁ ବାଦ୍‌ଦିଆଯାଏ । କେତେକ ଶିକ୍ଷା ପରିଷଦରେ କମ୍ପ୍ୟୁଟର ପ୍ରୟୋଗ, କର୍ମାନୁଭୂତି ଆଦି ଭଳି ପ୍ରସଙ୍ଗ ଅନ୍ତର୍ଭୁକ୍ତ କରି ଏହା ପରିବର୍ତ୍ତନ କରାଯାଏ । ଏହା ପ୍ରସଙ୍ଗର ପ୍ରତିସ୍ଥାପନ ଅଟେ । ପେଶୀୟ ବାଧକତା ଥିବା ପିଲାମାନଙ୍କ ପାଇଁ ଶାରୀରିକ ଶିକ୍ଷା ଭୌତିକ ଚିକିତ୍ସା ବା 'ଗୀତ' ଭଳି ଅନ୍ୟ କୌଣସି ଉପଯୁକ୍ତ ସହଶୈକ୍ଷିକ କାର୍ଯ୍ୟ ଦ୍ୱାରା ପ୍ରତିସ୍ଥାପନ କରାଯାଇଥାଏ ।

ଧାରଣା ବୁଝିବା ନିମିତ୍ତ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବା ପାଇଁ ପାଠ୍ୟକ୍ରମ ପ୍ରସଙ୍ଗର ବିସ୍ତାର କରିବାକୁ ସଂପ୍ରସାରଣ

ଟିପ୍ପଣୀ

କୁହାଯାଏ । ଆସ ଗଣିତରେ ପ୍ରସଙ୍ଗ ଶିକ୍ଷାଦାନ କଥା ବିଚାର କରିବା ଯାହା ମାନସିକ ଅନଗ୍ରସର ଥିବା ପିଲାଟି ପାଇଁ ଟଙ୍କାର ଧାରଣା ଅନ୍ତର୍ଭୁକ୍ତ । ଯେତେବେଳେ ଶ୍ରେଣୀରେ ଅନ୍ୟ ସମସ୍ତ ପିଲା ସେମାନଙ୍କ ଖାତାରେ ଲିଖିତ ଭାବେ ଗଣିତ କରନ୍ତି, ସେତେବେଳେ ମାନସିକ ଅନଗ୍ରସର ପିଲାଟି ଭଲଭାବରେ ଧାରଣାକୁ ବୁଝିବା ପାଇଁ ବାସ୍ତବ ଟଙ୍କା ସହ ମୂର୍ତ୍ତ ଉଦାହରଣ ଓ କିଣା ବିକା ଅଭିଜ୍ଞତାମାନ ଆବଶ୍ୟକ କରିପାରେ । ଏଠାରେ ଶିକ୍ଷକ ପିଲାଟିକୁ ବାସ୍ତବ ଅନୁଭୂତି ଦେବାପାଇଁ ପ୍ରସଙ୍ଗଟିକୁ ବାସ୍ତବ ଜୀବନ ଅନୁଭୂତିକୁ ସଂପ୍ରସାରିତ କରନ୍ତି ଏବଂ ପରେ ଟଙ୍କା ଧାରଣା ଥିବା କାର୍ଯ୍ୟ ଫର୍ଦ୍ଦକୁ ଅନୁସରଣ କରନ୍ତି ।

**ଶିକ୍ଷଣ ପାଇଁ ସମୟରେ ନମନୀୟତା :**

ଅନୁକୂଳନର ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସମୟ । ପ୍ରତ୍ୟେକ ଶିକ୍ଷାବର୍ଷ ପାଇଁ ପାଠ୍ୟକ୍ରମ ଏପରି କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇଥାଏ ଯାହାଫଳରେ ଶ୍ରେଣୀ ଗୁଡ଼ିକର ପରିଚାଳନା ଏବଂ ଗଠନମୂଳକ ଓ ସମାପ୍ତି ସୂଚକ ମୂଲ୍ୟାୟନର ଯୋଜନା ସମୟର ବହୁ ପୂର୍ବରୁ ବାସ୍ତବରେ ଏପରିକି ଶିକ୍ଷାବର୍ଷ ଆରମ୍ଭର ପୂର୍ବରୁ ହୋଇଥାଏ ଓ ଏହି ଖସଡ଼ା ନିଖୁଣ ଭାବେ ଅନୁସୃତ ହୋଇଥାଏ । ଏକ ଅନ୍ତର୍ନିବେଶୀ ଶ୍ରେଣୀଗୃହ ଯେଉଁଠି ଭିନ୍ନ ଭିନ୍ନ ସାମର୍ଥ୍ୟ ଓ ଆବଶ୍ୟକତାର ପିଲାମାନେ ଥାଆନ୍ତି । ତେଣୁ କାର୍ଯ୍ୟ ପରିଚାଳନା ପାଇଁ ସମୟ ଆବଣ୍ଟନର ପରିବର୍ତ୍ତନ ବିଚାର କରିବା ଆବଶ୍ୟକ । ବୌଦ୍ଧିକ ବାଧକତା ଥିବା କେତେକ ପିଲା ନିଜ ଗତିରେ ଶିଖୁଥିବାରୁ ସେମାନେ ଅତିରିକ୍ତ ସମୟ ଆବଶ୍ୟକ କରନ୍ତି । ଦୃଷ୍ଟିବାଧିତ ଏବଂ ନିର୍ଦ୍ଦିଷ୍ଟ ଶିକ୍ଷଣ ବାଧିତ କେତେକ ପିଲା ପରୀକ୍ଷା ପାଇଁ ଅତିରିକ୍ତ ସମୟ ଆବଶ୍ୟକ କରନ୍ତି । ପୂର୍ବରୁ ସୂଚିତ ହୋଇଥିବା ଭଳି ଶିକ୍ଷା ପରିଷଦ ଏହି ପିଲାମାନଙ୍କ ପାଇଁ ଦଶମ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସମୟରେ ଅତିରିକ୍ତ ୩୦ ମିନିଟ୍ ସମୟ ଦେଇଥାନ୍ତି ।

**ସାମଗ୍ରୀ ଅନୁକୂଳନ :**

ତୁମେ ପରିଚିତ ଥିବ ଯେ ବ୍ୟାପକ ସାମଗ୍ରୀ ସବୁ ବିଦ୍ୟାଳୟରେ ବ୍ୟବହାର କରାଯାଏ ଯାହା ମୁଦ୍ରିତ ସାମଗ୍ରୀ ଯଥା ବହି, କାର୍ଯ୍ୟଫର୍ଦ୍ଦ, ନୋଟ୍‌ଖାତା ଓ ଅଣମୁଦ୍ରିତ ସାମଗ୍ରୀ ଯଥା ଗ୍ଲୋବ୍, ବିଜ୍ଞାନଗାର ଯନ୍ତ୍ରପାତି, ଉପକରଣ, ନମୂନା, ଭିଡିଓ ଆଦିକୁ ଅନ୍ତର୍ଭୁକ୍ତ କରିଥାଏ । ବାଧକତାର ପ୍ରକାର ଓ ପରିସର ଅଧାରରେ ଯନ୍ତ୍ରପାତି ଓ ଉପକରଣର ଅନୁକୂଳନ କରିବାକୁ ହେବ । ମାନକ ପାଠ୍ୟକ୍ରମକୁ ସୂଚକ ଭାବେ ରଖି ଶ୍ରେଣୀରେ ନିର୍ଦ୍ଦିଷ୍ଟ ବାଧକତା ଥିବା ପିଲାମାନଙ୍କ ଆବଶ୍ୟକତାକୁ ଖାପ ଖୁଆଇବାଭଳି ପ୍ରସଙ୍ଗ ପ୍ରତିସ୍ଥାପନ ବା ପ୍ରସଙ୍ଗ ଅଭିବୃଦ୍ଧି କରିବା ଆଧାରରେ ଅନୁକୂଳନ କରାଯାଇପାରେ । ପ୍ରସଙ୍ଗ କ୍ଷେତ୍ରକୁ ବାଦ୍‌ଦେବା ଓ ଏହା ସ୍ଥାନରେ ଅନ୍ୟଏକ ପ୍ରସଙ୍ଗକୁ ଯୋଗ କରିବାକୁ ପ୍ରତିସ୍ଥାପନ ସୂଚିତ କରେ । ଶିଖିଥିବା ପ୍ରସଙ୍ଗକୁ ଦୀର୍ଘ ସମୟ ଧରି ବୁଝିବା ଓ ମନେରଖିବାକୁ ବୃଦ୍ଧି କରିବା ନିମିତ୍ତ ସାମଗ୍ରୀ ଓ କୌଶଳ ଗୁଡ଼ିକର ବ୍ୟବହାରକୁ ଅଭିବୃଦ୍ଧି କରିବା କୁହାଯାଏ । ବାଧକତା ଥିବା ପିଲାମାନଙ୍କଠାରେ ସର୍ବୋତ୍ତମ ଶିକ୍ଷଣରେ ଏହି ଉଭୟ ସାହାଯ୍ୟ କରେ ।

**୯.୩.୩. ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ମୂଲ୍ୟାୟନ ପଦ୍ଧତିର ଅନୁକୂଳନ:**

ବାଧକତା ଥିବା ପିଲାମାନଙ୍କୁ ଖାପ ଖୁଆଇବା ଭଳି ପରୀକ୍ଷଣ ଓ ମୂଲ୍ୟାୟନ ଅନୁକୂଳନ ହେବା ଆବଶ୍ୟକ । ଏହି ଅନୁକୂଳନ ପରୀକ୍ଷଣ ପ୍ରସ୍ତୁତି (ବସ୍ତୁନିଷ୍ଠ / ବ୍ୟକ୍ତିନିଷ୍ଠ) ପରୀକ୍ଷଣ ପରିଚାଳନା ସମୟ (ଅଧିକ ସମୟ ଯଦି ଆବଶ୍ୟକତା ହୁଏ), ଉତ୍ତର ଦେବା ପଦ୍ଧତି (ମୌଖିକ / ଲିଖିତ / ପରୀକ୍ଷାରେ ଲେଖିବା ପାଇଁ ଲେଖାଳୀର ବ୍ୟବସ୍ଥା), ପରୀକ୍ଷଣ ସମୟରେ ବସିବା ବ୍ୟବସ୍ଥା (ସ୍ୱଳ୍ପ ଦୃଷ୍ଟିସମ୍ପନ୍ନ ପିଲା ପାଇଁ ପର୍ଯ୍ୟାପ୍ତ ଆଲୋକ ଥିବା), ଗ୍ରେଡ୍ ପ୍ରଦାନର ବ୍ୟବସ୍ଥା ଇତ୍ୟାଦି ।

ଆକଳନ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର ଅବିଚ୍ଛେଦ୍ୟ ଅଙ୍ଗ । ନିର୍ଦ୍ଧାରିତ ପାଠ୍ୟକ୍ରମ ଅନୁସାରେ ଶିକ୍ଷାର୍ଥୀମାନଙ୍କ ନିମିତ୍ତ ଅର୍ଥପୂର୍ଣ୍ଣ ପ୍ରସଙ୍ଗ ଉପରେ ସେମାନଙ୍କୁ ଆକଳନ କରାଯାଉଥିବାରୁ ଆକଳନ ପଦ୍ଧତି ମୂଳତଃ ପୃଥକ ହୋଇ ନଥାଏ । ତେବେ , ଧରାବନ୍ଧା ଶୈକ୍ଷିକ ପରିବେଶରେ ଏକ ପରୀକ୍ଷଣ ସ୍ଥିତି ଅଧୀନରେ (ଯଥା ନିର୍ଦ୍ଧାରିତ ପରୀକ୍ଷଣ ଓ ପରୀକ୍ଷା) ଶିକ୍ଷାର୍ଥୀ ସ୍ୱାଧୀନଭାବେ ହାସଲ କରିଥିବା ତଥ୍ୟ ଉପରେ ଆକଳନ କରାଯାଏ । ଯଦିଓ ଏହା ଏକ ମାନକ ଅଭ୍ୟାସ, ବାଧକତାଥିବା ପିଲାମାନଙ୍କ ପାଇଁ ଶୈକ୍ଷିକ ପରିସ୍ଥିତି ସହିତ ପ୍ରାକୃତିକ ପରିବେଶ ଅଧୀନରେ ବସ୍ତୁନିଷ୍ଠ ଆକଳନ ସବୁଠାରୁ ଉତ୍ତମ କାର୍ଯ୍ୟ ଅଟେ । ଶିକ୍ଷାର୍ଥୀର ସର୍ବୋତ୍ତମ ଶିକ୍ଷଣ ନିମିତ୍ତ କ'ଣ ଅନୁକୂଳନ ହେବା ଆବଶ୍ୟକ, ସଂଗୃହିତ ହୋଇଥିବା ସୂଚନା ଶିକ୍ଷକଙ୍କୁ ତଥ୍ୟଭିତ୍ତିକ ନିଷ୍ପତ୍ତି ନେବାରେ ସାହାଯ୍ୟ କରେ । ଭିନ୍ନ ଭିନ୍ନ ଆକଳନ ପଦ୍ଧତି ଦ୍ୱାରା ଶ୍ରେଣୀଭିତରେ ଓ ବାହାରେ ଯେତେବେଳେ ଶିକ୍ଷାର୍ଥୀଙ୍କୁ ଆକଳନ କରାଯାଏ, ସେତେବେଳେ କ୍ଲିଷ୍ଟତା ସ୍ତର ନିର୍ଦ୍ଧାରଣ କରିବା ସବୁଠାରୁ ଉତ୍ତମ କାର୍ଯ୍ୟ । ଔପଚାରିକ ପରୀକ୍ଷଣ ଆକଳନରେ ଗୋଟିଏ ଅଂଶ ହୋଇପାରେ । କ୍ଲିଷ୍ଟତା ସ୍ତର ନିର୍ଦ୍ଧାରଣ ଉପରେ ନିଷ୍ପତ୍ତି ନେବାରେ ମାନଦଣ୍ଡ ଆଧାରିତ ପରୀକ୍ଷଣ, ପରିବେଶ ସମ୍ବନ୍ଧୀୟ ଆକଳନ, ପର୍ଯ୍ୟବେକ୍ଷଣ, ଘଟଣାବଳୀ ବିବରଣ, ପିତାମାତାଙ୍କ ମୂଲ୍ୟ ନିରୂପଣ ଓ ଶିକ୍ଷାର୍ଥୀଙ୍କ ସ୍ୱମୂଲ୍ୟାୟନ ଆଦି ସବୁର ଅବଦାନ ରହିଛି । ଶିକ୍ଷାର୍ଥୀ ନିକଟରୁ ଠିକ୍ ବା ତ୍ରୁଟିପୂର୍ଣ୍ଣ ଉତ୍ତର / ପ୍ରତିକ୍ରିୟାରେ ସ୍ଥିରତା ଅନୁକୂଳନ ଉପରେ ନିଷ୍ପତ୍ତି ନେବାରେ ଶିକ୍ଷକଙ୍କ ପାଇଁ ଏକ ମୁଖ୍ୟ ସହାୟକ ସୂଚନା ଅଟେ । ବାଧକତା ଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ଅଧିସ୍ଥାପନ କରିବା ଓ ପାଠ୍ୟକ୍ରମ ଅନୁକୂଳନର କରିବାରେ ନିଷ୍ପତ୍ତି ନେବା ନିମିତ୍ତ ପାଠ୍ୟକ୍ରମ ଆଧାରିତ ଆକଳନ / ପରିମାପନ ଅତି ପରିଚିତ ଅଟେ ।

## ୯.୪. ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆବଶ୍ୟକତା ପୂରଣ ପାଇଁ ସୁବିଧା ସୁଯୋଗ:

ପୂର୍ବରୁ ସୂଚିତ ହୋଇଥିବା ପରି, ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଆବଶ୍ୟକତା ଗୁଡ଼ିକୁ ପୂରଣ କରିବା ନିମିତ୍ତ ସରକାର ବ୍ୟବସ୍ଥା କରିଛନ୍ତି ଯାହା ସ୍ୱତନ୍ତ୍ର ଓ ଅନ୍ତର୍ନିବେଶୀ ବିଦ୍ୟାଳୟ ସ୍ଥାପନ, ଗୃହ ଆଧାରିତ ଶିକ୍ଷଣ, ପାଠ୍ୟକ୍ରମ ଓ ଶୈକ୍ଷିକ ଅନୁକୂଳନ, ପରୀକ୍ଷା ବ୍ୟବସ୍ଥା ଆଜିକୁ ଅନ୍ତର୍ଭୁକ୍ତ କରିଥାଏ ।

### ୯. ୪. ୧. ବିଦ୍ୟାଳୟ, କ୍ଲଷ୍ଟର, ବ୍ଲକ, ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ:

**ସ୍ତର:** ସରକାରଙ୍କର ଏକାଦଶ ପଞ୍ଚବାର୍ଷିକ ଯୋଜନା( ୨୦୦୭ -୨୦୧୨ ) ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷା ଯାହା ସ୍ୱତନ୍ତ୍ର ଆବଶ୍ୟକତାଥିବା ଶିକ୍ଷାର୍ଥୀଙ୍କୁ ଅନ୍ତର୍ଭୁକ୍ତ କରିଥାଏ ନିମ୍ନୋକ୍ତ ଉଦ୍ଦେଶ୍ୟମାନ ରହିଛି ।

- ପ୍ରାରମ୍ଭିକ ବିଦ୍ୟାଳୟରେ ପିଲାମାନଙ୍କର ବିଦ୍ୟାଳୟ ଛାଡିବା ହାର ୨୦୦୩-୦୪ରେ ୫୨.୨% ରୁ ୨୦୧୧-୧୨ ସୁଦ୍ଧା ୨୦% କୁ କମାଇବା ।

- ପ୍ରାରମ୍ଭିକ ବିଦ୍ୟାଳୟରେ ଶୈକ୍ଷିକ ଉପଲବ୍ଧିର ସର୍ବନିମ୍ନ ମାନଦଣ୍ଡ ବିକାଶ କରିବା ଏବଂ ଗୁଣାତ୍ମକତା ନିଶ୍ଚିତ କରିବା ପାଇଁ ନିୟମିତ ପରୀକ୍ଷଣ ଦ୍ୱାରା ଶିକ୍ଷାର ଫଳପ୍ରଦତାକୁ ଯାଞ୍ଚ କରିବା ।

- ସାତବର୍ଷ ବା ତତୋର୍ଦ୍ଧ୍ୱ ବୟସର ବ୍ୟକ୍ତିବିଶେଷଙ୍କ ସ୍ୱାକ୍ଷରତା ହାରକୁ ୮୫% କୁ ବୃଦ୍ଧି କରିବା ।

- ସାକ୍ଷରତାରେ ଲିଙ୍ଗଗତ ପାର୍ଥକ୍ୟକୁ ୧୦% କୁ କମାଇବା ।

- ଯୋଜନା ଶେଷ ଶୁଦ୍ଧା ବର୍ତ୍ତମାନର ୧୦% ଉଚ୍ଚଶିକ୍ଷାକୁ ଯାଉଥିବା ପ୍ରତ୍ୟେକ ଅଂଶକୁ ୧୫%କୁ ବୃଦ୍ଧି କରିବା ।

ଉଦ୍ଦେଶ୍ୟଗୁଡିକ ହାସଲ ନିମିତ୍ତ ବିଦ୍ୟାଳୟ, ବ୍ଲକ, ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ କାର୍ଯ୍ୟକାରୀ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡିକ ବିକଶିତ ହୋଇଛି । ଏହି ପାଠ ଅଧୀନରେ ସାଧାରଣ ବିଦ୍ୟାଳୟମାନଙ୍କର ବାଧକତାଥିବା

ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରିବା ନିମିତ୍ତ ଶିକ୍ଷକମାନଙ୍କୁ ପ୍ରସ୍ତୁତ କରିବା ପାଇଁ NIOS ଏହିଭଳି ଏକ ପ୍ରଚେଷ୍ଟା ସମସ୍ତରାଜ୍ୟମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ସର୍ବଶିକ୍ଷା ଅଭିଯାନ ଭାରତ ସରକାରଙ୍କର ଅନ୍ୟ ଏକ ବୃହତ୍ତ ପ୍ରକଳ୍ପ ଯାହା ଦେଶର ପ୍ରତ୍ୟେକ ପିଲାଙ୍କ ପାଇଁ ଶିକ୍ଷା ନିଶ୍ଚିତ କରିବାର ଲକ୍ଷ୍ୟ ରଖିଥାଏ । ବହୁ ସଂଖ୍ୟକ ସ୍ୱତନ୍ତ୍ର ଶିକ୍ଷକ ନିୟୋଜିତ କରି ସର୍ବଶିକ୍ଷା ଅଭିଯାନ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କର ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥାଏ ଏବଂ ସେମାନଙ୍କୁ ସଫଳ ଶିକ୍ଷକ ହେବା ପାଇଁ ତାଲିମ ଦିଏ । ଭାରତୀୟ ପୁନର୍ବାସ ପରିଷଦ (RCI) ଯାହା ପୁନରବାସ ପେଶାଦାର ବ୍ୟକ୍ତିବିଶେଷଙ୍କ ମାନଦଣ୍ଡକୁ ନିୟନ୍ତ୍ରିତ ଓ ନିଶ୍ଚିତ କରିଥାଏ, ସାରା ଦେଶରେ ଅନୁଷ୍ଠାନ / ବିଶ୍ୱବିଦ୍ୟାଳୟମାନଙ୍କ ମାଧ୍ୟମରେ ସ୍ୱତନ୍ତ୍ର ଶିକ୍ଷା କ୍ଷେତ୍ରରେ ମାନବ ସମ୍ବଳସମୂହକୁ ସୃଷ୍ଟିକରେ, ବ୍ଲକ, ଜିଲ୍ଲା, ରାଜ୍ୟ ସ୍ତରୀୟ ଶୃଙ୍ଖଳିତ ଯାଞ୍ଚସହ ଏହି ଶିକ୍ଷକ ସବୁ ଗାଁ ଗହଳିରେ ବିଦ୍ୟାଳୟ ଗୁଡିକରେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ନିକଟରେ ପହଞ୍ଚିବା ପାଇଁ ସର୍ବଶିକ୍ଷା ଅଭିଯାନ ଦ୍ୱାରା ନିଯୁକ୍ତ ହୁଅନ୍ତି । ବ୍ଲକ ସ୍ତରରେ ଆବଶ୍ୟକ କରୁଥିବା ବିଦ୍ୟାଳୟ ମାନଙ୍କରେ ସମ୍ବଳ ଅଭିଯାନ ଦ୍ୱାରା ନିଯୁକ୍ତ ହୁଅନ୍ତି । ବ୍ଲକ ସ୍ତରରେ ଆବଶ୍ୟକ କରୁଥିବା ବିଦ୍ୟାଳୟ ମାନଙ୍କରେ ସମ୍ବଳ ସାମଗ୍ରୀ ଓ ବୃତ୍ତିଗତ ସହାୟତା ପ୍ରଦାନ କରିବା ନିମିତ୍ତ କେତେକ ରାଜ୍ୟରେ ଗୋଷ୍ଠୀ ସାଧନ କେନ୍ଦ୍ର (BRC) ମାନ ସୃଷ୍ଟି କରାଯାଇଛି । ସମ୍ବଳ ଶିକ୍ଷକମାନେ ଭ୍ରମଣଶୀଳ ପ୍ରଶିକ୍ଷଣ ରୀତି ମାଧ୍ୟମରେ ଅଧିକାଂଶ ବିଦ୍ୟାଳୟରେ ସାମୟିକ ଭାବେ ପହଞ୍ଚନ୍ତି ଓ ବିଦ୍ୟାଳୟରେ ଶିକ୍ଷକମାନଙ୍କ ସହ ସମନ୍ୱୟ ଦ୍ୱାରା ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦାନ କରନ୍ତି । ଏହା ଆଶା କରାଯାଏ ଯେ ସାରାଦେଶରେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନେ ଶିକ୍ଷାରେ ପହଞ୍ଚିବା ପାଇଁ ଏହିଭଳି ଏକ ବ୍ୟବସ୍ଥା ଫଳପ୍ରଦ ହେବ ।

### ୯.୪.୨. ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ପାଇଁ ଅନ୍ତର୍ନିବେଶୀ ଶିକ୍ଷା

ଗ୍ରାମ ଓ ସହରାଞ୍ଚଳର ଅନେକ ବିଦ୍ୟାଳୟରେ ମୃଦୁବାଧକତା ଥିବା ପିଲାମାନେ ବିଦ୍ୟାଳୟରେ ନାମ ଲେଖାନ୍ତି କିନ୍ତୁ ଅନ୍ୟପିଲାମାନଙ୍କ ଭଳି ଶିଖି ନଥିବା ଶିକ୍ଷକ ଅନୁଭବ କରିବାରୁ ସେମାନେ ବିଦ୍ୟାଳୟ ତ୍ୟାଗୀ / ପ୍ରତ୍ୟାଖ୍ୟାତ ହୁଅନ୍ତି । ସାଧାରଣ ବିଦ୍ୟାଳୟ ଗୁଡିକରେ ଏହି ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଶିକ୍ଷକମାନେ ପ୍ରଶିକ୍ଷିତ ନୁହଁନ୍ତି ତେଣୁ ପିଲାକୁ ସ୍ୱତନ୍ତ୍ର ସହାୟତା ଦେବା ପାଇଁ ସେମାନେ ପିତାମାତାଙ୍କୁ ସୂଚିତ କରନ୍ତି । କେତେକ ଘଟଣାରେ ପିଲାମାନେ ସାଧାରଣ ବିଦ୍ୟାଳୟରେ ରୁହନ୍ତି କିନ୍ତୁ ପାଠ୍ୟକ୍ରମର ଶୈକ୍ଷିକ ପ୍ରସଙ୍ଗର ବୃଦ୍ଧି ହେତୁ ପ୍ରାରମ୍ଭିକ ଶ୍ରେଣୀଗୁଡିକରେ ସେମାନେ ପ୍ରତ୍ୟାଖ୍ୟାତ ହୁଅନ୍ତି । କେତେକ ସ୍ଥାନରେ ସାଧାରଣ ବିଦ୍ୟାଳୟ ମାନଙ୍କରେ ତାଲିମପ୍ରାପ୍ତ ଶିକ୍ଷକମାନେ ଅଛନ୍ତି ଓ ଆନୁପାତିକ ଭାବରେ ପ୍ରତ୍ୟାଖ୍ୟାତ ହାର ସେଠାରେ କମ୍‌ଥାଏ । କିନ୍ତୁ ଏହା ବିଦ୍ୟାଳୟ ଗୁଡିକ ମୁଖ୍ୟତଃ ବେସରକାରୀ ବିଦ୍ୟାଳୟ ଅଟେ । ସର୍ବଶିକ୍ଷା ଅଭିଯାନର ସଂପ୍ରତିକ ପ୍ରଚେଷ୍ଟାର ଫଳ ଯାହା ଉପରେ ସୂଚିତ ହୋଇଛି ପ୍ରାୟତଃ ସକାରାତ୍ମକ, ପରିବର୍ତ୍ତନ ଆଣିଥାଏ ଏବଂ ଅଧିକ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନେ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ ହେଉଛନ୍ତି । ଅଧିକ / ଗଭୀର ବାଧକତା ଥିବା ପିଲାମାନେ ସାଧାରଣତଃ ପ୍ରାରମ୍ଭିକ ବର୍ଷଗୁଡିକରେ ଆରୋଗ୍ୟକର / ଡାକ୍ତରୀ ସହାୟତା ଆବଶ୍ୟକ କରନ୍ତି । ଏହି ଭଳି ପିଲାମାନଙ୍କ ପାଇଁ ଗୃହ ଆଧାରିତ ଶିକ୍ଷା ସାଧାରଣତଃ ଫଳପ୍ରଦ ସାବିତ ହୋଇଥାଏ ।

**ନିଜ ଅଗ୍ରଗତି ଆକଳନ -୨**

୩. ପାଠ୍ୟକ୍ରମରେ ତୁମେ କେଉଁ ପ୍ରକାର ଅନୁକୂଳନ କରିପାରିବ ବର୍ଣ୍ଣନା କର ।

------------------------------------------------------------------------

------------------------------------------------------------------------------------------

------------------------------------------------------------------------------------------

--------------------------------------------

୪. ଅନ୍ତର୍ନିବେଶୀ ଶିକ୍ଷା ପରିସ୍ଥିତିରେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନେ କେଉଁ ଅସୁବିଧାଗୁଡ଼ିକର ସମ୍ମୁଖୀନ ହୁଅନ୍ତି ?

------------------------------------------------------------------------------------------

------------------------------------------------------------------------------------------

------------------------------------------------------------------------------------------

----------------------------------------------

### ୯.୫. ଅନ୍ତର୍ନିବେଶୀ ଶ୍ରେଣୀଗୃହ:

ବ୍ୟବସ୍ଥିତଭାବେ କରାଯାଇଥିଲେ, ସାଧାରଣ ଶ୍ରେଣୀରେ ଏହି ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରିବା ସମ୍ଭବ ହୋଇଥାଏ । ଅନ୍ତର୍ଭୁକ୍ତ ନିମିତ୍ତ ଯେତେ ଶୀଘ୍ର ପ୍ରଚେଷ୍ଟା କରାଯିବ, ସେତିକ ଉତ୍ତମ ଫଳାଫଳ ହାସଲ ହୋଇପାରିବ । ପ୍ରତ୍ୟେକ ପ୍ରାରମ୍ଭିକ ବିଦ୍ୟାଳୟରେ ସମ୍ବଳ ଗୃହ ସହ ଜଣେ ଦକ୍ଷ ସମ୍ବଳ ଶିକ୍ଷକ ରହିବା ଏକ ଆଦର୍ଶ କଥା । ଯଦି ସମ୍ବଳ ଗୃହ ପରିଚାଳନା କରିବା କଷ୍ଟକର ହୋଇଥାଏ, ତେବେ ତୁମେ ଉପଲବ୍ଧ ସମ୍ବଳ ସହିତ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରିବା ଚିନ୍ତା କରିପାରିବ । ସଫଳ ଅନ୍ତର୍ଭୁକ୍ତ ନିମିତ୍ତ କେତେକ ମୁଖ୍ୟ ବିନ୍ଦୁ ଗୁଡ଼ିକୁ ବିଚାର କରାଯାଇ ପାରିବ । ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ଅଧୁନାତନ ପାର୍ଶ୍ୱବିନ୍ଦୁ  ପିଲାଙ୍କ ଶିକ୍ଷଣ ସାମର୍ଥ୍ୟ ବିଷୟରେ ଶିକ୍ଷକଙ୍କ ସମ୍ପର୍କ, ପିତାମାତାଙ୍କ ସମ୍ପର୍କ ଏବଂ ଶିକ୍ଷକଙ୍କ ଦକ୍ଷତା ଆଦି ଏହା ଅନ୍ତର୍ଭୁକ୍ତ କରିଥାଏ ।

#### ୯.୫.୧. ଶ୍ରେଣୀଗୃହ ସମେଯୋଜନ ଓ ପରିଚାଳନା

ଶ୍ରେଣୀଗୃହ ସମଯୋଜନ ଓ ପରିଚାଳନା ପାଇଁ ବିଚାର କରିବାକୁ ଥିବା କେତେକ ବିନ୍ଦୁ ଅନ୍ତର୍ଭୁକ୍ତ ହୋଇଥାଏ:

- ଶିକ୍ଷାଦାନ ପାଇଁ ଯୋଜନା କରିବା
- ଶ୍ରେଣୀ ଶିକ୍ଷକ ଓ ପିତାମାତା, ସମ୍ବଳ ଶିକ୍ଷକ ଓ ପିଲାର ଆବଶ୍ୟକତା ଉପରେ  ନିର୍ଭର କରୁଥିବା ଅନ୍ୟମାନଙ୍କ ମଧ୍ୟରେ ସମନ୍ୱୟ
- ବ୍ୟକ୍ତିଗତ ଆବଶ୍ୟକତାଗୁଡ଼ିକ ଆଧାରରେ ଶିକ୍ଷାଦାନ
- ଦଳରେ ଶିକ୍ଷାଦାନ
- ଆବଶ୍ୟକୀୟ ସାମଗ୍ରୀ
- ଲିପିବଦ୍ଧ କରଣ ବ୍ୟବସ୍ଥା

ଶ୍ରେଣୀରେ ଶିକ୍ଷାର୍ଥୀଙ୍କ ରୂପେ ପ୍ରଚୁର ମାନବସମ୍ବଳ ଆକାରରେ ଏକ ସର୍ବୋତ୍ତମ ସମ୍ବଳ ଶିକ୍ଷକ ଭାବରେ ତୁମ ପାଖରେ ଅଛି । ସହପାଠୀ ଅନୁଶିକ୍ଷଣ ଓ ସହଭାଗୀ ଶିକ୍ଷଣ କୌଶଳ ଗ୍ରହଣ ପୂର୍ବକ ସେମାନଙ୍କୁ ଫଳପ୍ରଦ ଭାବେ ବ୍ୟବହାର କର ।

କାଗନ(୧୯୯୪), ସହଭାଗୀ ଶିକ୍ଷଣ ଏକ ପ୍ରକାର ସଂଗଠିତ ସହପାଠୀ ପାରସ୍ପରିକ କ୍ରିୟା ଯାହା ଶ୍ରେଣୀ ଗୃହରେ

ସକାରାତ୍ମକ ମାନବିକ ସଂପର୍କ, ସହପାଠୀଙ୍କ ମଧ୍ୟରେ ସହଭାଗିତା ସକ୍ରିୟ ଶିକ୍ଷଣ, ଶୈକ୍ଷିକ ଉପଲବ୍ଧ, ସମାନ ଅଂଶଗ୍ରହଣ ଓ ଶିକ୍ଷାର୍ଥୀମାନଙ୍କର ସମାନ ସ୍ଥିତି ଉପରେ ଗୁରୁତ୍ୱ ଦେଇଥାଏ । ପାଠ୍ୟକ୍ରମରେ ଯେ କୌଣସି ବିଷୟର ଶିକ୍ଷାଦାନ ପାଇଁ ଏହା ବ୍ୟବହାର କରାଯାଇ ପାରିବ ।

ସହପାଠୀ ଅନୁଶିକ୍ଷଣ ଏକ କୌଶଳ ଯାହା ବ୍ୟାପକ ବାଧକତା ଥିବା ଶିକ୍ଷାର୍ଥୀଙ୍କ ସହ ଓ ସବୁ ଶ୍ରେଣୀ ସ୍ତରରେ ବ୍ୟବହାର କରାଯାଇ ପାରିବ । ତେବେ, ସହପାଠୀ ଅନୁଶିକ୍ଷଣର ପ୍ରକ୍ରିୟା ଓ ଭୂମିକାରେ ସବୁ ଶିକ୍ଷାର୍ଥୀଙ୍କ ପ୍ରଶିକ୍ଷଣ ସଫଳ ରୂପାୟନ ଆବଶ୍ୟକ କରିଥାଏ । ବାଧକତାଥିବା ପିଲାମାନେ ବିଶେଷତଃ ମାନସିକ ଅନଗ୍ରସର ଥିବା ପିଲାମାନେ ବ୍ୟକ୍ତିଗତ କାର୍ଯ୍ୟକ୍ରମ ଓ ଶିକ୍ଷାଦାନ ଆବଶ୍ୟକ କରନ୍ତି । ଗୋଟିଏ ସାଧାରଣ ଶ୍ରେଣୀରେ ଶିକ୍ଷାର୍ଥୀ ରୂପରେ ଏକ ବିଶାଳ ମାନବ ସମ୍ବଳ ସହିତ ଶିକ୍ଷକ ଶକ୍ତିଶାଳୀ ହୋଇଥାନ୍ତି । ଜଣେ କୁଶଳୀ ଶିକ୍ଷକ ବାଧକତା ଥିବା ପିଲାମାନଙ୍କର ଶିଖିବାର ସାହାଯ୍ୟ ନିମିତ୍ତ ସହପାଠୀ ଅନୁଶିକ୍ଷଣ ରୂପରେ ଏମାନଙ୍କୁ ଫଳପ୍ରଦଭାବେ ବ୍ୟବହାର କରିପାରିବେ । ଏହାଦ୍ୱାରା ତାଙ୍କର ଯେ କାର୍ଯ୍ୟଭାର କମିଯାଏ ତାହା ନୁହେଁ ବରଂ ବାଧକତା ଥିବା ଓ ନଥିବା ଉଭୟ ପିଲାମାନେ ଏହାଦ୍ୱାରା ଲାଭବାନ ହୁଅନ୍ତି । ବାଧକତା ନଥିବା ପିଲାମାନଙ୍କ ଭିତରେ ଦୁର୍ବଳ ପିଲାମାନଙ୍କ ପ୍ରତି ଏକ ଦାୟିତ୍ୱ ବୋଧର ଭାବନା ବିକଶିତ ହୁଏ ଏବଂ ବାଧକତା ଥିବା ପିଲାମାନଙ୍କ ଭିତରେ ସାହାଯ୍ୟ ପାଇଁ ଆଶା କରିବା ଓ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସହପାଠୀ ମାନଙ୍କ ପ୍ରତି ସମ୍ମାନବୋଧ ପ୍ରଦର୍ଶନ କରିବା ଭାବନା ବିକଶିତ ହୁଏ ।

### ୯.୫.୨ ଉପଯୁକ୍ତ ଶିକ୍ଷାଦାନ ଶିକ୍ଷଣ ଉପକରଣ ଓ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର

ଆମେ ଯେତେବେଳେ ବାଧକତା ଥିବା ପିଲାମାନଙ୍କ ସହ କାମକରୁ ଶିକ୍ଷାଦାନ ଓ ଶିକ୍ଷଣ ଉପକରଣର ବ୍ୟବହାର ସ୍ୱତନ୍ତ୍ର ଯତ୍ନ ଓ ବିଚାର ଆବଶ୍ୟକ କରେ । କାରଣ ଶିକ୍ଷକ ଭାବରେ ଏହି ସହାୟକ ଉପକରଣ ଗୁଡ଼ିକର ବ୍ୟବହାର ଦ୍ୱାରା ଆମକୁ ସେମାନଙ୍କର ବାଧକତାର କ୍ଷତିକୁ ପୂରଣ କରିବା ସହିତ ଏହି ଉପକରଣ ଗୁଡ଼ିକୁ ବ୍ୟବହାର କରି ପାଠ୍ୟକ୍ରମକୁ ଏପରି ଭାବରେ ପରିଚାଳିତ କରିବାକୁ ପଡ଼ିବ ଯାହାଫଳରେ ସେମାନେ ଧାରଣା ଗୁଡ଼ିକୁ ଉତ୍ତମରୂପେ ବୁଝିପାରିବେ । ଶିକ୍ଷାଦାନ ଉପକରଣର ନିର୍ବାଚନ/ଚୟନ ଶିକ୍ଷାଦାନ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ । ଶିକ୍ଷାଦାନ କାର୍ଯ୍ୟକ୍ରମର ପ୍ରଣାଳୀ ଓ କୌଶଳମାନ ନିର୍ଦ୍ଧାରଣ ହୋଇଗଲା ପରେ ଶିକ୍ଷାଦାନ ସାମଗ୍ରୀର ଚୟନ, ଗ୍ରହଣ ବା ପ୍ରସ୍ତୁତି ଆବଶ୍ୟକ ଯାହା ଦତ୍ତକାର୍ଯ୍ୟର ଶିକ୍ଷାଦାନରେ ବ୍ୟବହାର କରି ହେବ ।

ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ଚୟନ ସମୟରେ ବିଚାର କରିବାକୁ ଥିବା ଦିଗ / ବିନ୍ଦୁ ସମୂହ :

**ବୟସ ଉପଯୋଗୀ :-** ଉଦାହରଣ ସ୍ୱରୂପ ୫ବର୍ଷ ବୟସ୍କ ମାନସିକ ସାମର୍ଥ୍ୟ ଥିବା ୧୦ବର୍ଷ ବୟସର ବୌଦ୍ଧିକ ବାଧକତା ଥିବା ପିଲାଟିର ୫ବର୍ଷ ବୟସର ପିଲା ପାଇଁ ଥିବା ଉପକରଣ ପରିବର୍ତ୍ତେ ତା'ର ବୟସ ଉପଯୋଗୀ ଉପକରଣ ରହିବା ଉଚିତ ।

**ସକ୍ରିୟ ଅଂଶଗ୍ରହଣ :-** ପିଲାମାନେ ସାମଗ୍ରୀ ଗୁଡ଼ିକ ବ୍ୟବହାର କରିବା, ଅନୁସନ୍ଧାନ କରିବା ଓ ଶିଖିବା ପାଇଁ ସମର୍ଥ ହେବା ଉଚିତ ।

**ସୃଜନାତ୍ମକ ବ୍ୟବହାର :-** ସର୍ବତୋମୁଖୀ / ନିପୁଣ ହେବା ଉଚିତ ଓ ବିବିଧ ପ୍ରଣାଳୀ ସୃଜନାତ୍ମକ ବ୍ୟବହାର ପାଇଁ ଅନୁମତି ଦେବା ।

**ଉପଲବ୍ଧତା :-** ସହଜ ଉପଲବ୍ଧ ହେବା ଉଚିତ, ବ୍ୟୟ କରିବା ଯୋଗ୍ୟ ବା ସହଜ ସାଧ୍ୟ ହେବା ଦରକାର ଯଦି

ଶିକ୍ଷାର୍ଥୀ ବିସ୍ତାରିତ ଗୃହ ତାଲିମ ପାଇଁ କ୍ରୟ କରିବାକୁ ଥାଏ ।

**ଉପଯୋଗୀ ସ୍ତର :-** ମାନସିକ ଅନଗ୍ରସର ପିଲାର କାର୍ଯ୍ୟ କରିବା ସ୍ତର ସହ ଖାପଖୁଆଇବା ଭଳି ସାମଗ୍ରୀ ହେବା ଉଚିତ ଫଳତଃ ଶିକ୍ଷଣ ତା'ପାଇଁ ଅର୍ଥପୂର୍ଣ୍ଣ ହୁଏ ।

**ଅନ୍ତରୀଣ ପ୍ରଶିକ୍ଷଣ :-** ଶିଖିଥିବା ଧାରଣାକୁ ଅନ୍ୟାନ୍ୟ ପ୍ରସଙ୍ଗ ଓ ପରିସ୍ଥିତିରେ ସହଜରେ ସାଧାରଣୀକରଣ କରିବା ପାଇଁ ସାମଗ୍ରୀର ବ୍ୟବହାର ପିଲାଙ୍କୁ ଅନୁମତି ପ୍ରଦାନ କରିବା

**ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା :**

ତୁମେ ଏକମତ ହେବ ଯେ ପୁରାତନ ବଂଶଧରଙ୍କ ତୁଳନାରେ ବର୍ତ୍ତମାନର ବଂଶଧରମାନେ ପ୍ରଯୁକ୍ତି ବିଦ୍ୟା ଜାଣିବା ପାଇଁ ଆଗ୍ରହୀ । ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି କାରଣରୁ ବର୍ତ୍ତମାନ ଯେକୌଣସି ଜଣକ ସହିତ ଯେକୌଣସି ସ୍ଥାନରେ ଓ ଯେକୌଣସି ସମୟରେ ଯୋଗାଯୋଗ ସହଜ ଅଟେ । ଗୋଟିଏ ବଟନ୍ ଛୁଆଁରେ / ସ୍ପର୍ଶରେ ଅନେକ କାର୍ଯ୍ୟ ସଂପାଦିତ ହୋଇଥାଏ । ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ସହାୟକ ଉପକରଣ ଓ ପ୍ରଯୁକ୍ତି ବିଦ୍ୟା ବ୍ୟବହୃତ ଶିକ୍ଷାଦାନ ବର୍ତ୍ତମାନ ମଧ୍ୟ ପ୍ରଚଳିତ ଚଳଣି ହୋଇଗଲାଣି । ଅଧିକାଂଶ ବିଦ୍ୟାଳୟର ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ପାଇଁ ଅନୁକୂଳନ ସହିତ କମ୍ପ୍ୟୁଟର ପ୍ରୟୋଗଶାଳା ରହିଛି । ଦୃଷ୍ଟିବାଧିତ ପିଲାମାନଙ୍କ ପାଇଁ କଥାକୁହା ବହି ଓ କମ୍ପ୍ୟୁଟର ମାନ ରହିଛି । ବର୍ତ୍ତମାନ ଦିନରେ ସୋଫିଂଷ୍ଟିକେଡ୍ ହ୍ୱିଲ୍‌ଚେୟାର ଓ ଶୈକ୍ଷିକ ସଫ୍ଟୱେୟାର ଗୁଡ଼ିକ ଗୋଟିଏ ଗୋଟିଏ ଅଭିବୃଦ୍ଧି ।

**୯.୬ ଗୃହ ଭିତ୍ତିକ ଶିକ୍ଷା :**

ଆମେ ପୂର୍ବରୁ ସୂଚିତ  କଲାଭଳି ଅଧିକ / ବହୁବିଧ ବାଧକତା ଥିବା କେତେକ ପିଲା ବିଦ୍ୟାଳୟରେ ପହଞ୍ଚିବାରେ ଅସୁବିଧା ଥାଇପାରେ  / ଥିବ । ଯେହେତୁ ଆମ ଦେଶରେ ଶିକ୍ଷା ପ୍ରତ୍ୟେକ ପିଲାର  ମୌଳିକ ଅଧିକାର ଅଟେ, ସେହିହେତୁରୁ ଉପଯୁକ୍ତ ଶିକ୍ଷା ଏହି ପିଲାମାନଙ୍କ ନିକଟରେ ମଧ୍ୟ ପହଞ୍ଚିବା ଉଚିତ । ତେଣୁ ଏହି ପିଲାମାନେ ଘରେ ଶିକ୍ଷିତ ହୁଅନ୍ତି ।

**୯.୬.୧ ଧାରଣ:**

ଯଦିଓ ଶୈକ୍ଷିକ ସୁବିଧାଗୁଡିକର ଅଭିବୃଦ୍ଧି ଘଟୁଛି, ତଥାପି ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ବହୁ ଆହ୍ୱାନ ଉପସ୍ଥାପିତ କରିଥାଏ । କେତେକ ପିଲାଙ୍କର ସେହିଭଳି ଅଧିକ  / ଗଭୀର ବାଧକତା ସହ ଜଟିଳ ଅବସ୍ଥାଥାଏ  । ଯାହାଫଳରେ ଶିଖିବା ପାଇଁ ସେମାନେ ବିଦ୍ୟାଳୟରେ ପହଞ୍ଚିପାରିବେ ନାହିଁ   । ଆମ ଦେଶର ସୁଦୂର ଗାଁ ଗହଳିରେ ଆଦିବାସୀ ବା ପାହାଡିଆ ଅଂଚଳରେ ଜଣେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ ବିଦ୍ୟାଳୟରେ ପହଞ୍ଚିବା ସମ୍ଭବପର ହୋଇନପାରେ  । କେତେକ ସୁଦୂର ସ୍ଥାନମାନଙ୍କରେ ବିଦ୍ୟାଳୟରେ ପହଞ୍ଚିବା ସ୍ୱତନ୍ତ୍ର ଆବଶ୍ୟକତାଥିବା ପିଲାମାନଙ୍କ ପାଇଁ ବହୁତ ଦୂର । ଏହି ଭଳି ସ୍ଥିତିରେ ଶିକ୍ଷା ପିଲାଙ୍କ ନିକଟରେ ପହଞ୍ଚିବାକୁ ପଡିବ । ଏହି ପିଲାମାନଙ୍କର ଶିକ୍ଷାକୁ ନିଶ୍ଚିତ କରିବା ନିମିତ୍ତ ପରିବାରର ସଦସ୍ୟମାନଙ୍କୁ  ପିଲାମାନଙ୍କୁ ଶିକ୍ଷାଦେବା ପାଇଁ ତାଲିମ ଦେବା ଏକ ଉପାୟ ଅଟେ । ତେଣୁ ଗୃହ ଭିତ୍ତିକ ଶିକ୍ଷା, ବିଦ୍ୟାଳୟରେ ପହଞ୍ଚିବାକୁ ଅସମର୍ଥ ଥିବା ପିଲାମାନଙ୍କୁ ଶିକ୍ଷା ଦେବାପାଇଁ ଏକ ପଦ୍ଧତି ଅଟେ ।

**୯.୬.୨ ଗୃହଭିତ୍ତିକ ଶିକ୍ଷାର ପ୍ରଣାଳୀ**

ଜଣେ ସ୍ୱତନ୍ତ୍ର ଶିକ୍ଷକ ମଧ୍ୟ ଭ୍ରମଣକାରୀ ଶିକ୍ଷକ ଭାବେ ପରିଚିତ , ଯିଏ କି ସାଧାରଣତଃ ଶିକ୍ଷାର୍ଥୀର ଘର ପରିଦର୍ଶନ

ଟିପ୍ପଣୀ

କରନ୍ତି ଓ ପିଲା ଓ ପିଲା ବାସ କରୁଥିବା ପରିବେଶରେ ମୂଲ୍ୟାୟନ କରନ୍ତି । ପରିବାର ଓ ଶିକ୍ଷକ ମିଶି, ଶିକ୍ଷକଙ୍କ ପରିଦର୍ଶନର ସମୟ ବ୍ୟବଧାନ ଓ ଉପଯୁକ୍ତ ସମୟ ଉପରେ ନିଷ୍ପତ୍ତି ନିଅନ୍ତି । ଏକ ବିସ୍ତୃତ ଆକଳନ ପରେ, ଉପଯୁକ୍ତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଗୁଡିକ ଏକ ଶୈକ୍ଷିକ ଯୋଜନା ପ୍ରସ୍ତୁତ ହୋଇଥାଏ । ପରିବାର ସଦସ୍ୟଙ୍କୁ ଯେକି ପରିବାରର ତାଲିମ ଦାତା ଭାବେ ଚିହ୍ନଟ ହୋଇଥାନ୍ତି । ଶିକ୍ଷକଙ୍କ ଦ୍ୱାରା ପ୍ରଦର୍ଶନ ମାଧ୍ୟମରେ ଶିକ୍ଷାଦାନ କୌଶଳ ସମ୍ପର୍କରେ ଶିକ୍ଷା ଦିଆଯାଏ । ବ୍ୟବସ୍ଥିତ ନଥିପତ୍ର ଶିକ୍ଷକଙ୍କ ଦ୍ୱାରା ରକ୍ଷଣାବେକ୍ଷଣ କରାଯାଏ । କେତେକ ଶିକ୍ଷାର୍ଥୀ କଥନ ଓ ପେଶୀୟ ଦିଗ ପାଇଁ ଚିକିତ୍ସା ଆବଶ୍ୟକ କରିବେ ଏବଂ ଏସବୁ ଗୁଡିକ ଭ୍ରମଣକାରୀ ଶିକ୍ଷକଙ୍କ ଦ୍ୱାରା ସମନ୍ୱୟ କରାଯିବ । ଶିକ୍ଷାର୍ଥୀର ଅଗ୍ରଗତି ଅନୁସାରେ ପରବର୍ତ୍ତୀ ସ୍ତର କାର୍ଯ୍ୟକ୍ରମର ଯୋଜନା କରାଯାଏ ।

**ନିଜ ଅଗ୍ରଗତି ଆକଳନ - ୩**

୫. ଶିକ୍ଷାଦାନ ଶିକ୍ଷଣ ଉପକରଣ ଚୟନ କଲାବେଳେ କେଉଁ ଦିଗ / ବିନ୍ଦୁ ଗୁଡିକୁ ବିଚାର କରିବାକୁ ହେବ ?

---------------------------------------------------------------

---------------------------------------------------------------

---------------------------------------------------------------

୬. ଗୃହଭିତ୍ତିକ ଶିକ୍ଷା କାହାପାଇଁ ଉପଯୋଗୀ ?

---------------------------------------------------------------

---------------------------------------------------------------

---------------------------------------------------------------

## ୯.୭. ସାରାଂଶ

ଏହି ଏକକରେ ଆମେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲା ବିଶେଷତଃ ବାଧକତା ଥିବା ପିଲାମାନଙ୍କର ଶୈକ୍ଷିକ ଆବଶ୍ୟକତା ଓ ଆହ୍ୱାନ ଗୁଡିକ ସଂପର୍କରେ ଆଲୋଚନା କରିଛେ । ବାଧକତାର ପ୍ରକାର ଓ ଗଭୀରତା ଆଧାରରେ ବାଧକତା ଥିବା ପିଲାମାନଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତାମାନ ଥାଏ । ଦୃଷ୍ଟି ବାଧକତା, ଶ୍ରବଣ ବାଧକତା, ଚଳନଶକ୍ତି ବାଧକତା, ମାନସିକ ଅନଗ୍ରସରତା ବା ନିର୍ଦ୍ଦିଷ୍ଟ ଶିକ୍ଷଣ ବାଧକତା ଥିବା ପିଲାମାନଙ୍କୁ ସେମାନଙ୍କ ଆବଶ୍ୟକତା ଆଧାରରେ ଏକ ଅନ୍ତର୍ନିବେଶୀ ଶ୍ରେଣୀଗୃହରେ ଶିକ୍ଷକ ଦ୍ୱାରା ସାମନା କରାଯିବାକୁ ପଡିବ । ବାଧକତାଥିବା ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରିବାପାଇଁ ଜାତୀୟ, ରାଜ୍ୟ, ଜିଲ୍ଲା, ବ୍ଲକ ଓ ବିଦ୍ୟାଳୟ ସ୍ତରରେ ଶୈକ୍ଷିକ ବ୍ୟବସ୍ଥାମାନ ପ୍ରସ୍ତୁତ କରାଯାଇଛି ।

ସନ୍ନିବିଷ୍ଟ ମୂଲ୍ୟାୟନ ବ୍ୟବସ୍ଥା ସହ କେନ୍ଦ୍ରୀୟ ଓ ରାଜ୍ୟ ଶିକ୍ଷା ପରିଷଦ ଦ୍ୱାରା ଆମଦେଶରେ ପାଠ୍ୟକ୍ରମ ନିୟନ୍ତ୍ରିତ ହୋଇଥାଏ । ତେବେ, ଏକ ନିର୍ଦ୍ଧାରିତ ସ୍ତରରେ ଦକ୍ଷତା ହାସଲ ନିଶ୍ଚିତ କରିବା ବିନା, ଅଟକାଇ ନରଖିବା ନୀତି ପିଲାମାନଙ୍କୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାରେ ସାହାଯ୍ୟ କରିଥାଏ । ଏହା ମଧ୍ୟ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କ କ୍ଷେତ୍ରରେ ସତ୍ୟ । ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କୁ ନ୍ୟାୟ ଦେବାକୁ ପାଇଁ ଶିକ୍ଷକ ପାଠ୍ୟକ୍ରମ, ଶିକ୍ଷାଦାନ ପଦ୍ଧତି, ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀର ବ୍ୟବହାରକୁ ଅନୁକୂଳନ କରିବା ଏବଂ ନିର୍ଦ୍ଦିଷ୍ଟ ବାଧକତା ନିମିତ୍ତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ମୂଲ୍ୟାୟନ ବ୍ୟବସ୍ଥା ବିଷୟରେ ସଚେତନ

ହେବା ଓ ବ୍ୟବହାର କରିବା ଆବଶ୍ୟକ । ପିଲାର ଆବଶ୍ୟକତା ଆଧାରରେ ପାଠ୍ୟକ୍ରମର ଯୋଗ, ବାଦକରିବା, ପରିବର୍ତ୍ତନ ଏବଂ ସଂପ୍ରସାରଣ ଆଦି ଅନୁକୂଳନରେ ଅନ୍ତର୍ଭୁକ୍ତ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବା ପାଇଁ ସହପାଠୀ ଦଳର ସଫଳ ବ୍ୟବହାର ଶିକ୍ଷକ କରିପାରିବେ ।

ଗଭୀର ବାଧକତା ବା ସୁଦୂର ଅଞ୍ଚଳରେ ବାସ କରୁଥିବା ଯୋଗୁ ବିଦ୍ୟାଳୟରେ ପହଞ୍ଚିପାରୁ ନଥିବା ପିଲାମାନଙ୍କୁ ଗୃହ ଆଧାରିତ ଶିକ୍ଷା ପ୍ରଦାନ କରାଯାଏ । ଏହି ବ୍ୟବସ୍ଥାରେ ଶିକ୍ଷକ ପିଲାର ଘରେ ପହଞ୍ଚିଥାନ୍ତି ଓ ଉପଯୁକ୍ତ ଶିକ୍ଷା ପ୍ରଦାନ କରନ୍ତି ।

୯.୮ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୧. ଦୃଷ୍ଟିବାଧକତା, ସ୍ୱଳ୍ପ ଦୃଷ୍ଟିଶକ୍ତି, ଶ୍ରବଣ ବାଧକତା, ଚଳନଶକ୍ତି ବାଧକତା, ବୌଦ୍ଧିକ ବାଧକତା, ବିକାଶ ଜନୀତ ବାଧକତା ସହିତ ସ୍ୱପରାୟଣତା, ମସ୍ତିଷ୍କ ପକ୍ଷାଘାତ, ନିର୍ଦ୍ଦିଷ୍ଟ ଶିକ୍ଷଣ ବାଧକତା (ଯେ କୌଣସି ୪ଟିର)

୨. ନ ଅଟକାଇବା ନୀତି, ତ୍ରିଭାଷା ନୀତି, ପ୍ରତ୍ୟେକ ଶ୍ରେଣୀରେ ଅଧିକ ସଂଖ୍ୟକ ପିଲା (ନିଜ ଅଭିଜ୍ଞତାରୁ ଅଧିକ ଯୋଡ଼)

୩. ସ୍ଥାନିତ କରିବା, ପରିବର୍ତ୍ତନ କରିବା, ବାଦ୍ ଦେବା, ବଦଳେଇବା, ସଂପ୍ରସାରଣ କରିବା

୪. ପିଲାମାନେ ବିଦ୍ୟାଳୟରେ ନାମ ଲେଖାନ୍ତି, କିନ୍ତୁ ଅନ୍ୟ ପିଲାମାନଙ୍କ ଭଳି ଶିଖିପାରୁ ନଥିବା ଶିକ୍ଷକ ଅନୁଭବ କରିବାରୁ ସେମାନେ ବିଦ୍ୟାଳୟ ତ୍ୟାଗୀ / ପ୍ରତ୍ୟାଖ୍ୟାତ ହୁଅନ୍ତି । ସାଧାରଣ ବିଦ୍ୟାଳୟ ଗୁଡ଼ିକରେ ଏହି ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଶିକ୍ଷକମାନେ ପ୍ରଶିକ୍ଷିତ ନୁହଁନ୍ତି ତେଣୁ, ପିଲାମାନଙ୍କୁ ସହାୟତା ଦେବା ପାଇଁ ସେମାନେ ପିତାମାତାଙ୍କୁ ସୂଚିତ କରିନ୍ତି । ପିଲାମାନେ ସାଧାରଣ ବିଦ୍ୟାଳୟରେ ରୁହନ୍ତି କିନ୍ତୁ ପାଠ୍ୟକ୍ରମର ଶୈକ୍ଷିକ ପ୍ରସଙ୍ଗର ବୃଦ୍ଧି ହେତୁ ପ୍ରାରମ୍ଭିକ ଶ୍ରେଣୀଗୁଡ଼ିକରେ ସେମାନେ ପ୍ରତ୍ୟାଖ୍ୟାତ ହୁଅନ୍ତି ।

୫. ବୟସ ଉପଯୋଗୀ, ସକ୍ରିୟ ଅଂଶଗ୍ରହଣ, ସୃଜନାତ୍ମକ ବ୍ୟବହାର, ଉପଲବ୍ଧତା, ଉପଯୋଗୀ ସ୍ତର, ତାଲିମର ହସ୍ତାନ୍ତରୀକରଣ

୬. ଗଭୀର / ବହୁବିଧ ବାଧକତା ଥିବା ପିଲା ଏବଂ ଯେଉଁମାନଙ୍କର ବିଦ୍ୟାଳୟ ପ୍ରବେଶ ସୁବିଧା ନାହିଁ ।

**୯.୯ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ**

**୯.୧୦ ପାଠାନ୍ତ ପ୍ରଶ୍ନାବଳୀ**

୧. ତୁମେ ତୁମ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ବିଷୟର ପାଠ୍ୟପୁସ୍ତକରୁ ଗୋଟିଏ ପାଠ ବାଛ । ନିମ୍ନୋକ୍ତ ସ୍ୱତନ୍ତ୍ର ଆବଶ୍ୟକତା ଯଥା ଦୃଷ୍ଟିବାଧିତ, ଶ୍ରବଣ ବାଧିତ, ବୌଦ୍ଧିକ ବାଧକତା ଥିବା ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦାନ ଦେବା ପାଇଁ ପାଠ ଅନୁକୂଳନ କର ।

୨. ସରକାରୀ ଶିକ୍ଷା ପରିଷଦ, ଯାହା ସହ ତୁମ ବିଦ୍ୟାଳୟ ସଂପୃକ୍ତ, ଦ୍ୱାରା ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥାଗୁଡ଼ିକର ସଂକଳନ କର ।

୩. ଗୋଟିଏ ଖେଳ ପ୍ରସ୍ତୁତ କର ଯେଉଁଥିରେ ତୁମେ ଶ୍ରେଣୀର ସମସ୍ତ ପିଲାଙ୍କୁ ସାମିଲ କରିପାରିବ ଏପରିକି

ଟିପ୍ପଣୀ

ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ ମଧ୍ୟ ଖେଳରେ ସାମିଲ ହୋଇପାରିବେ ।

୪. ଗୋଟିଏ ପ୍ରକଳ୍ପର ଯୋଜନା କର ଏବଂ ପ୍ରକଳ୍ପ ପରିଚାଳନା କରିବା ନିମିତ୍ତ ସହଭାଗୀ ଶିକ୍ଷଣର ବ୍ୟବହାର କର ।